## ସଂକ୍ଷେପରେ

### ମତଦାନର ଦିନକ ପରେ ଭାଜପା ପ୍ରାର୍ଥୀଙ୍କ ପରଲୋକ


କୁନଓ୍ୱାର ସର୍ବେଶ ସିଂ

**ଲକ୍ଷ୍ନୌ,୨୦।୪:** ଉତ୍ତରପ୍ରଦେଶ ମୋରାଦାବାଦର ଲୋକ ସଭା ଆସନର ଭାଜପା ପ୍ରାର୍ଥୀ କୁନଓ୍ୱାର ସର୍ବେଶ ସିଂଙ୍କର ଶନିବାର ଦିଲ୍ଲୀ ଏମ୍ସରେ ପରଲୋକ ଘଟିଛି। ତାଙ୍କୁ ୭୧ ବର୍ଷ ହୋଇଥିଲା। ସେ ଦୀର୍ଘଦିନ ହେଲା ଅସୁସ୍ଥ ଥିଲେ। ମୋରାଦାବାଦ ଆସନରେ ଶୁକ୍ରବାର ପ୍ରଥମ ପର୍ଯ୍ୟାୟରେ ଭୋଟ ହୋଇଥିଲା। ତେବେ ଅସୁସ୍ଥତା କାରଣରୁ ସର୍ବେଶ ନିର୍ବାଚନ ପ୍ରଚାରରେ ଭାଗ ନେଇ ନ ଥିଲେ।

### ଶାହାଙ୍କ ସମ୍ପତ୍ତି ୩୬ କୋଟି

**ଗାନ୍ଧୀନଗର, ୨୦।୪:** ଗୁଜରାଟର ଗାନ୍ଧୀନଗର ଲୋକ ସଭା ଆସନରୁ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଶୁକ୍ରବାର ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ଶାହା ଦାଖଲ କରିଥିବା ସତ୍ୟପାଠ ଅନୁଯାୟୀ ତାଙ୍କର ସମୁଦାୟ ୩୬ କୋଟି ଟଙ୍କାର ସମ୍ପତ୍ତି ରହିଛି। ଶାହାଙ୍କର ୨୦ କୋଟି ଟଙ୍କାର ଅସ୍ଥାବର ସମ୍ପତ୍ତି ରହିଥିବାବେଳେ ୧୬ କୋଟି ଟଙ୍କାର ସ୍ଥାବର ସମ୍ପତ୍ତି ରହିଛି। ସେହିପରି ତାଙ୍କ ପାଖରେ ନଗଦ ୨୪ ହଜାର ୧୧୪ ଟଙ୍କା ଓ ୭୨ ଲକ୍ଷ ଟଙ୍କାର ଅଳଙ୍କାର ରହିଛି। ସେହିପରି ୨୦୨୨-୨୩ ଆର୍ଥିକ ବର୍ଷରେ ଶାହାଙ୍କ ବାର୍ଷିକ ଆୟ ୭୫.୦୯ ଲକ୍ଷ ଟଙ୍କା ରହିଥିଲା। ଏମ୍‌ପି ଭାବେ ପାଉଥିବା ଦରମା, ଘର ଓ ଜମି ଭଡ଼ା ଏବଂ ଚାଷ କାର୍ଯ୍ୟ ଆଦି ତାଙ୍କ ଆୟର ଉତ୍ସ ହୋଇଥିବା ଶାହା ନିଜ ସତ୍ୟପାଠରେ ଦର୍ଶାଇଛନ୍ତି। ତେବେ ତାଙ୍କର କୌଣସି କାର୍ ନାହିଁ ବୋଲି ଏହି ସତ୍ୟପାଠରେ ଶାହା ଦର୍ଶାଇଛନ୍ତି।

### କ୍ୟାନ୍‌ସରରେ ଫେଶନ ଇନ୍‌ଫ୍ଲୁଏନ୍ସର ସୁରଭି ଜୈନଙ୍କ ମୃତ୍ୟୁ

**ନୂଆଦିଲ୍ଲୀ,୨୦।୪:** ଲୋକପ୍ରିୟ ଫେଶନ ଇନ୍‌ଫ୍ଲୁଏନ୍ସର ସୁରଭି ଜୈନଙ୍କର ୩୦ ବର୍ଷ ବୟସରେ ମୃତ୍ୟୁ ଘଟିଛି। ସେ ଦୀର୍ଘଦିନ ହେଲା କ୍ୟାନ୍‌ସରରେ ପୀଡ଼ିତ ଥିଲେ। ଇନ୍‌ଷ୍ଟାଗ୍ରାମରେ ତାଙ୍କର ବହୁ ପ୍ରଶଂସକ ରହିଛନ୍ତି।



୮ ସପ୍ତାହ ପୂର୍ବରୁ ସେ ଇନ୍‌ଷ୍ଟାଗ୍ରାମରେ ତାଙ୍କର ଶେଷ ଫଟୋ ଶେୟାର କରିଥିଲେ। ସେତେବେଳେ ସେ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ।

# ଲଭ୍ ଜିହାଦ ପାଇଁ ଝିଅକୁ ମାରିଦେଲେ

## କଂଗ୍ରେସ କର୍ପୋରେଟରଙ୍କ ଅଭିଯୋଗ

ବେଙ୍ଗାଲୁରୁ,୨୦।୪

ଏପ୍ରିଲ ୨୬ ଏବଂ ମେ' ୭ରେ କର୍ଣ୍ଣାଟକରେ ଲୋକ ସଭା ନିର୍ବାଚନ ହେବାକୁ ଯାଉଥିବାବେଳେ ଜଣେ କର୍ପୋରେଟରଙ୍କ ଝିଅକୁ ହତ୍ୟା ଘଟଣାକୁ ନେଇ ଶାସକ କଂଗ୍ରେସ ଏବଂ ବିରୋଧୀ ଦଳ ଭାଜପା ମଧ୍ୟରେ ବିବାଦ ତୀବ୍ର ରୂପ ଧାରଣ କରିଛି। ହତ୍ୟା ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବାବେଳେ ତଦନ୍ତ ଜାରି ରହିଛି। ଏହା ଏକ 'ଲଭ୍ ଜିହାଦ' ଘଟଣା ବୋଲି ଭାଜପା ନେତାମାନେ ଅଭିଯୋଗ କରୁଥିବାବେଳେ ମୃତକଙ୍କ ବାପା ନିରଞ୍ଜନ ହିରେମାଥ ମଧ୍ୟ ଏହି ବୀଭତ୍ସ ହତ୍ୟାକାଣ୍ଡ ପଛରେ ଲଭ୍ ଜିହାଦ ରହିଥିବା ଅଭିଯୋଗ ଆଣିଛନ୍ତି। ଗୋଟିଏ ଗ୍ୟାଙ୍ଗ୍ ଦୀର୍ଘଦିନ ହେଲା ଷଡ଼ଯନ୍ତ୍ର ଚଳାଇଥିଲେ। ସେମାନେ ଝିଅ ନେହା (୨୩)ଙ୍କୁ ବଶ କରାଇବା କିମ୍ବା ମାରିଦେବାକୁ ଯୋଜନା କରିଥିଲେ। ପୂର୍ବରୁ ସେମାନେ ଅନେକ ଥର ଧମକ ମଧ୍ୟ ଦେଇଥିଲେ। ତେବେ ନେହା ସେସବୁ ଧମକ ପ୍ରତି ଧ୍ୟାନ ଦେଇ ନ ଥିଲେ ବୋଲି ନିରଞ୍ଜନ କହିଛନ୍ତି।


ମୃତ ନେହା ହିରେମାଥ

ପ୍ରଥମ ବର୍ଷ ଏମ୍‌ସିଏ ଛାତ୍ରୀ ନେହାଙ୍କୁ ଗୁରୁବାର କେଏଲ୍‌ଇ ଟେକ୍ନୋଲୋଜିକାଲ ୟୁନିଭର୍ସିଟି ପରିସରରେ ଜଣେ ପୂର୍ବତନ ଛାତ୍ର ୭ ଥର ଛୁରିଭୁସି ହତ୍ୟା କରିଥିଲେ। ଫୟେଜ ଖୋଣ୍ଡୁନାଏକ୍ ନାମକ ଏହି ଛାତ୍ର ଜଣକ ପୂର୍ବରୁ ନେହାଙ୍କ ସହପାଠୀ ଥିଲେ। ପରେ ସେ ପାଠପଢ଼ା ଛାଡ଼ିଦେଇଥିଲେ। ପୂର୍ବରୁ ସେମାନେ ସମ୍ପର୍କରେ ଥିଲେ ଏବଂ ପରେ ନେହା ତାଙ୍କଠାରୁ ଦୂରେଇ ଯାଇଥିଲେ ବୋଲି ଜେରା ବେଳେ ଫୟେଜ କହିଛନ୍ତି। ହତ୍ୟାକାଣ୍ଡକୁ ନେଇ କଂଗ୍ରେସ ଓ ଭାଜପା ମଧ୍ୟରେ ରାଜନୈତିକ ବାକ୍‌ଯୁଦ୍ଧ ଲାଗିରହିଛି। ବ୍ୟକ୍ତିଗତ କାରଣକୁ ନେଇ ହତ୍ୟାକାଣ୍ଡ ହୋଇଥିବା କଂଗ୍ରେସ କହୁଥିବାବେଳେ ଭାଜପା ଏହାକୁ ରାଜ୍ୟରେ ଆଇନଶୃଙ୍ଖଳା ସ୍ଥିତିରେ ଅବନତି ବୋଲି ଅଭିଯୋଗ କରିଛି। ଏହା ପଛରେ ଲଭ୍ ଜିହାଦ ଥିବା ବାପା ନିରଞ୍ଜନ ଅଭିଯୋଗ ଆଣିଛନ୍ତି। ଅନ୍ୟପକ୍ଷରେ ମୁଖ୍ୟମନ୍ତ୍ରୀ ସିଦ୍ଧାରାମାୟା ଏବଂ ରାଜ୍ୟ ଗୃହମନ୍ତ୍ରୀ ଜି. ପରମେଶ୍ୱର ଲଭ୍ ଜିହାଦ ଅଭିଯୋଗକୁ ଖଣ୍ଡନ କରିଛନ୍ତି। କର୍ଣ୍ଣାଟକରେ ଆଇନ ଶୃଙ୍ଖଳା ସ୍ଥିତି ବହୁତ ଭଲ ଥିବା ସିଦ୍ଧାରାମାୟା କହିଛନ୍ତି।

# ଇସ୍ରାଏଲ୍‌କୁ କଡ଼ା ଜବାବର ଚେତାବନୀ ଦେଲା ଇରାନ

ତେହେରାନ,୨୦।୪

ଇସ୍ରାଏଲ୍ ଯଦି ପୁଣି ଥରେ ଦୁଃସାହସ ଦେଖାଏ ଏବଂ ଇରାନର ସ୍ୱାର୍ଥ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଏ, ତେବେ ଆମର ପରବର୍ତ୍ତୀ ଜବାବ ତୁରନ୍ତ ଓ ସର୍ବାଧିକ ସ୍ତରର ହେବ ବୋଲି ତେହେରାନ୍ ଚେତାବନୀ ଦେଇଛି। ଗତ ଶୁକ୍ରବାର ଇସ୍ରାଏଲ୍‌ର ଏୟାରଷ୍ଟ୍ରାଇକ୍ ଘଟଣାରେ ଇରାନ ବହିର୍ବ୍ୟାପାର ମନ୍ତ୍ରୀ ହୋସେଇନ୍ ଅମିରାବଡୋଲଲାହିଆନ୍ ଏଭଳି ମନ୍ତବ୍ୟ ଦେଇଛନ୍ତି। ସେ କହିଛନ୍ତି, ଇରାନ ଉପରେ ରାତିଅଧିଆ ଆକ୍ରମଣକୁ ନେଇ ଆମେ ଅନୁଧ୍ୟାନ କରୁଛି। ଏହି ଆକ୍ରମଣରେ ଇସ୍ରାଏଲ୍ ସମ୍ପୃକ୍ତ ଥିବା ନେଇ ପ୍ରମାଣିତ ହୋଇ ନ ଥିବାରୁ ଏହାକୁ ଗୁରୁତ୍ୱ ଦିଆଯାଇ ନାହିଁ। କେତେକ ଡ୍ରୋନ୍ ଇରାନ ଭିତରୁ ଉଠି ଖସିବା ପୂର୍ବରୁ କିଛି ଦୂର ପର୍ଯ୍ୟନ୍ତ ଉଡ଼ିଥିଲା। ସେଗୁଡ଼ିକ ଡ୍ରୋନ୍ ନ ଥିଲା ପିଲାଙ୍କ ଖେଳଣା ଥିଲା ବୋଲି ହୋସେଇନ୍ କହିଛନ୍ତି। ଇସ୍ରାଏଲ୍ ଆକ୍ରମଣ କରିଥିବା ନେଇ ଗଣମାଧ୍ୟମ ରିପୋର୍ଟ ଠିକ୍ ନୁହେଁ ବୋଲି ତେହେରାନ୍ ପାଖରେ ଥିବା ସୂଚନାରୁ ଜଣାପଡ଼ିଛି। ତେବେ ଇସ୍‌ଫାହାନ୍ ଉପରେ ୩ଟି ଡ୍ରୋନ୍‌କୁ ଏୟାର ଡିଫେନ୍ସ ମାଡ଼ କରାଯିବାରୁ ବିସ୍ଫୋରଣ ହୋଇଥିଲା ବୋଲି ଇରାନ ଗଣମାଧ୍ୟମ ଏବଂ ଅଧିକାରୀମାନେ କହିଛନ୍ତି। ଏହା ଇସ୍ରାଏଲ୍ ନୁହେଁ ଅନୁପ୍ରବେଶକାରୀଙ୍କ ଆକ୍ରମଣ ବୋଲି ସେମାନେ ଜଣାଇଛନ୍ତି।


ବିହାରର ଭାଗଲପୁରରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଏବଂ ଆର୍‌ଜେଡି ନେତା ତେଜସ୍ୱୀ ଯାଦବ ନିର୍ବାଚନ ପ୍ରଚାର କରୁଛନ୍ତି।

## ଭାରତ ଆସିବେନି ମସ୍କ

ନୂଆଦିଲ୍ଲୀ,୨୦।୪

ଟେସ୍‌ଲା ସିଇଓ ଏଲନ୍ ମସ୍କ ତାଙ୍କର ୨ ଦିନିଆ ଭାରତ ଗସ୍ତକୁ ସ୍ଥଗିତ ରଖିଛନ୍ତି। ସେ ଏପ୍ରିଲ ୨୧ରେ ଭାରତରେ ପହଞ୍ଚିବା ସହ ୨୨ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଭେଟି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିବାର ଥିଲା। ଆମେରିକାର ବିଦ୍ୟୁତ୍‌ଚାଳିତ କାର୍ ନିର୍ମାତା ଟେସ୍‌ଲା ବିଶ୍ୱର ତୃତୀୟ ବୃହତ୍ କାର୍ ବଜାର ଭାବେ ପରିଚିତ ଭାରତରେ ପ୍ରବେଶ କରିବାକୁ ଯୋଜନା କରିଛି। ଟେସ୍‌ଲାର ବହୁତ ବଡ଼ ଦାୟିତ୍ୱ ଥିବାରୁ ତାଙ୍କର ଭାରତ ଗସ୍ତ ବିଳମ୍ବ ହେଉଥିବା ମସ୍କ ଏକ୍ସ'ରେ ଲେଖିଛନ୍ତି। ଭାରତରେ ଟେସ୍‌ଲା କାର୍ କାରଖାନା ବସାଇବା ପାଇଁ ମସ୍କ ୨ରୁ ୩ ବିଲିୟନ ଡଲାର ନିବେଶ କରିବାକୁ ଲକ୍ଷ୍ୟ ରଖିଛନ୍ତି। ମସ୍କଙ୍କ ଗସ୍ତ ସ୍ଥଗିତ ରହିଥିଲେ ମଧ୍ୟ ଭାରତ ସରକାରଙ୍କ ସହ ଟେସ୍‌ଲା କର୍ତ୍ତୃପକ୍ଷଙ୍କ ଆଲୋଚନା ଜାରି ରହିବ।

## ନୂଆ ଆପରାଧିକ ଆଇନକୁ ସିଜେଆଇଙ୍କ ପ୍ରଶଂସା

ନୂଆଦିଲ୍ଲୀ,୨୦।୪

କେନ୍ଦ୍ର ସରକାର କାର୍ଯ୍ୟକାରୀ କରିଥିବା ନୂଆ ଆପରାଧିକ ଆଇନକୁ ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଡି.ଓ୍ୱାଇ. ଚନ୍ଦ୍ରଚୂଡ଼ ପ୍ରଶଂସା କରିଛନ୍ତି। ଏହା ଆପରାଧିକ ନ୍ୟାୟ ଉପରେ ଭାରତର ନ୍ୟାୟିକ ଢାଞ୍ଚାକୁ ନୂତନ ଯୁଗ ଅନୁଯାୟୀ ବଦଳାଇଦେଇଥିବା ଜଷ୍ଟିସ୍ ଚନ୍ଦ୍ରଚୂଡ଼ କହିଛନ୍ତି। 'ଭାରତର ଆପରାଧିକ ନ୍ୟାୟ ବ୍ୟବସ୍ଥା ଉପରେ ଆଇନ ଓ ନ୍ୟାୟ ମନ୍ତ୍ରଣାଳୟ ଦ୍ୱାରା ଆୟୋଜିତ ସମ୍ମିଳନୀରେ ଉଦ୍‌ବୋଧନ ଦେଇ ସିଜେଆଇ କହିଥିଲେ, ପୀଡ଼ିତଙ୍କ ସ୍ୱାର୍ଥର ସୁରକ୍ଷା ପାଇଁ ଏଥିରେ ଗୁରୁତ୍ୱ ଦିଆଯିବା ସହ ତଦନ୍ତ ଏବଂ ବିଚାର ପ୍ରକ୍ରିୟାକୁ ଅଧିକ ପ୍ରଭାବୀ କରାଯାଇଛି। ୩ ନୂଆ ଆଇନ ଭାରତୀୟ ନ୍ୟାୟ ସଂହିତା, ଭାରତୀୟ ନାଗରିକ ସୁରକ୍ଷା ସଂହିତା ଏବଂ ଭାରତୀୟ ସାକ୍ଷ୍ୟ ଅଧିନିୟମ କାର୍ଯ୍ୟକାରୀ ହେବା ସହ ଦେଶର ଆପରାଧିକ ନ୍ୟାୟ ବ୍ୟବସ୍ଥାରେ ଉଲ୍ଲେଖନୀୟ ପରିବର୍ତ୍ତନ ହେବାକୁ ଯାଉଛି। ଆମ ସମାଜ ପାଇଁ ଏହା ଏକ ଐତିହାସିକ ମୁହୂର୍ତ୍ତ, କାରଣ ଆପରାଧିକ ଆଇନ ଭଳି କୌଣସି ଆଇନ ଆମ ସମାଜର ଦୈନନ୍ଦିନ ଆଚରଣକୁ ପ୍ରଭାବିତ କରି ନ ଥାଏ ବୋଲି ସିଜେଆଇ କହିଛନ୍ତି।


ଜଷ୍ଟିସ୍ ଡି.ଓ୍ୱାଇ. ଚନ୍ଦ୍ରଚୂଡ଼

## ଏମ୍‌ସିସି ଉଲ୍ଲଂଘନ: ଶିବକୁମାରଙ୍କ ବିରୋଧରେ ଇସି କାର୍ଯ୍ୟାନୁଷ୍ଠାନ

ନୂଆଦିଲ୍ଲୀ,୨୦।୪

ଆଦର୍ଶ ଆଚରଣ ବିଧି (ଏମ୍‌ସିସି)ର ଉଲ୍ଲଂଘନ କରିଥିବା କର୍ଣ୍ଣାଟକ ଉପମୁଖ୍ୟମନ୍ତ୍ରୀ ଡି.କେ. ଶିବକୁମାରଙ୍କ ବିରୋଧରେ ନିର୍ବାଚନ କମିଶନ (ଇସି) ଶନିବାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। କାବେରୀ ଜଳ ଚାହୁଁଥିଲେ କଂଗ୍ରେସକୁ ଭୋଟ ଦେବାକୁ ଶିବକୁମାର ଭୋଟରମାନଙ୍କୁ ଧମକ ଦେଇଥିବା ଗଣମାଧ୍ୟମରେ ରିପୋର୍ଟ ପ୍ରକାଶ ପାଇଥିଲା। ସେ ଏମ୍‌ସିସିର ଉଲ୍ଲଂଘନ କରିଥିବା ନେଇ ଭାଜପା ଅଭିଯୋଗ କରିବାର ଦିନକ ପରେ ଇସି ନୋଟିସ ପଠାଇଛନ୍ତି। ବେଙ୍ଗାଲୁରୁ ରୁରାଲ ଆସନରେ ପ୍ରାର୍ଥୀ ହୋଇଥିବା ଶିବକୁମାରଙ୍କ ଭାଇ ଡି.କେ. ସୁରେଶଙ୍କ ପାଇଁ ପ୍ରଚାର କଲାବେଳେ ଶିବକୁମାର ଏମ୍‌ସିସି ଉଲ୍ଲଂଘନ କରିଥିବା ଅଭିଯୋଗରେ ତାଙ୍କ ବିରୋଧରେ ବେଙ୍ଗାଲୁରୁ ଏଫ୍‌ଏସ୍‌ଟି ଦ୍ୱାରା ମାମଲା ରୁଜୁ ହୋଇଛି।



## ସ୍ତ୍ରୀଙ୍କୁ ଟଏଲେଟ୍ କ୍ଲିନର ମିଶା ଖାଦ୍ୟ ଦିଆଯାଉଛି: ଇମ୍ରାନ୍

ରାଓ୍ୱଲପିଣ୍ଡି,୨୦।୪

ସ୍ତ୍ରୀ ବୁଶ୍ରା ବିବିଙ୍କୁ ଖାଦ୍ୟରେ ଟଏଲେଟ୍ କ୍ଲିନର ମିଶାଇ ଦିଆଯାଉଥିବା ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍ ଅଭିଯୋଗ କରିଛନ୍ତି। ରାଓଲପିଣ୍ଡିର ଆଡିଆଲା ଜେଲରେ ୧୯୦ ନିୟୁତ ପାଉଣ୍ଡ ଦୁର୍ନୀତି ମାମଲାର ଶୁଣାଣି ବେଳେ ଇମ୍ରାନ୍ ଉପରୋକ୍ତ ଅଭିଯୋଗ ଆଣିଛନ୍ତି। ଫଳରେ ବୁଶ୍ରାଙ୍କ ସ୍ୱାସ୍ଥ୍ୟ ଖରାପ ହେଉଛି। ଶିଫା ଇଣ୍ଟରନ୍ୟାଶନାଲ ହସ୍ପିଟାଲରେ ବୁଶ୍ରାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଇବା ପାଇଁ ମୁଖ୍ୟ ମେଡିକାଲ ଅଫିସର ଡ. ଅସିମ୍ ୟୁସଫ ପରାମର୍ଶ ଦେଇଥିଲେ। ଜେଲ କର୍ତ୍ତୃପକ୍ଷ ଏହାକୁ ଗ୍ରହଣ ନ କରି ପିଆଇଏମ୍‌ଏସ୍ ହସ୍ପିଟାଲରେ ସ୍ୱାସ୍ଥ୍ୟ ପରୀକ୍ଷା କରାଇବାକୁ ଜିଦ୍ ଧରିଥିବା ପିଟିଆଇ ନେତା ଅଭିଯୋଗ କରିଛନ୍ତି।

## ଭାଜପାକୁ ୬୦ କୋଟି ଦେଇଛନ୍ତି ସରଥ ରେଡ୍ଡୀ

### ଦିଲ୍ଲୀ ଅବକାରୀ ଦୁର୍ନୀତି ମାମଲାରେ କାର୍ଯ୍ୟାନୁଷ୍ଠାନ ନେଉନି ଇଡି

### ସଞ୍ଜୟ ସିଂଙ୍କ ଅଭିଯୋଗ

ନୂଆଦିଲ୍ଲୀ,୨୦।୪

ତଥାକଥିତ ଦିଲ୍ଲୀ ଅବକାରୀ ଦୁର୍ନୀତି ମାମଲାର ଅନ୍ୟତମ ଅଭିଯୁକ୍ତ ସରଥ ରେଡ୍ଡୀ ଭାଜପାକୁ ଇଲେକ୍ଟୋରାଲ ବଣ୍ଡ ଜରିଆରେ ୬୦ କୋଟି ଟଙ୍କା ଚାନ୍ଦା ଦେଇଥିବା ଆମ୍ ଆଦ୍‌ମୀ ପାର୍ଟି (ଆପ୍) ରାଜ୍ୟ ସଭା ସଦସ୍ୟ ସଞ୍ଜୟ ସିଂ ଶନିବାର ଅଭିଯୋଗ ଆଣିଛନ୍ତି। ସେଥିପାଇଁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ସରଥଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଉ ନ ଥିବା ଆପ୍ ନେତା ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି। ଇଡି ଚାର୍ଜଶିଟ୍‌ରେ ସରଥଙ୍କୁ ଅବକାରୀ ଦୁର୍ନୀତିର କିଙ୍ଗପିନ୍ ଭାବେ ଅଭିଯୋଗ କରାଯାଇଛି। ବିନା ପ୍ରମାଣରେ ଅବକାରୀ ଦୁର୍ନୀତି ମାମଲାରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିଓ୍ୱାଲ, ପୂର୍ବତନ ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଡିଆ ଏବଂ ତାଙ୍କୁ ଗିରଫ କରାଯାଇଥିବାବେଳେ ସରଥଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଉ ନ ଥିବା ସଞ୍ଜୟ ଅଭିଯୋଗ କରିଛନ୍ତି।


ସରଥ ରେଡ୍ଡୀ

## ଫୁର୍‌ସତ୍

# ସର୍ବ ପୁରାତନ ସର୍ପର ଜୀବାଶ୍ମ

ଗାନ୍ଧିନଗର

ଗୁଜରାଟ କଚ୍ଛସ୍ଥିତ ଏକ କୋଇଲା ଖଣିରୁ ସବୁଠାରୁ ପ୍ରାଚୀନ ସାପର ଜୀବାଶ୍ମ ସନ୍ଧାନ କରାଯାଇଛି। ଆଇଆଇଟି ରୁର୍କୀର ଗବେଷକମାନେ ୨୦୦୫ରେ ଏହାକୁ ସନ୍ଧାନ କରିଥିଲେ। କିନ୍ତୁ ସେତେବେଳେ ଏହା ଉପରେ ଗଭୀର ଅଧ୍ୟୟନ କରାଯାଇ ନ ଥିଲା। ଏହି ପ୍ରାଚୀନ ସାପର ଜୀବାଶ୍ମକୁ ବୈଜ୍ଞାନିକମାନେ 'ବାସୁକି ଇଣ୍ଡିକସ୍' ନାମ ଦେଇଛନ୍ତି । ଏହା ୫ କୋଟି ବର୍ଷ ତଳର ହୋଇଥିବା ଅନୁମାନ କରାଯାଉଛି। ଏହି ପ୍ରାଚୀନ ସାପ ପ୍ରାୟତଃ ୧୦.୯ରୁ ୧୫.୨ ମିଟରର ଲମ୍ବା ହୋଇଥିବାରୁ ଏହାକୁ ସବୁଠାରୁ ଲମ୍ବା ସାପ ବୋଲି ଗବେଷକମାନେ କହିଛନ୍ତି। ଏହି ସାପର ଗୋଲେଇ ୧୭ ଇଞ୍ଚ ରହିଛି। ଆକାର କାରଣରୁ ଏହି ପ୍ରାଚୀନ ସାପ ଧୀର ଆକ୍ରମଣକାରୀ ପ୍ରବୃତ୍ତିର ହୋଇଥିବା କୁହାଯାଇଛି। ବର୍ତ୍ତମାନ ବିଲୁପ୍ତ ପ୍ରାୟ କଲମ୍ବିଆର ଟିଟାନ୍‌ବୋଆ ପ୍ରଜାତି ସହ ଏହି ପ୍ରାଚୀନ ପ୍ରଜାତିର ସାମଞ୍ଜସ୍ୟ ରହିଥିବା ଗବେଷକମାନେ ଅନୁମାନ କରିଛନ୍ତି। ଏହି ଜୀବାଶ୍ମକୁ କଚ୍ଛର ପନାଧ୍ରୋ ଗାଁରୁ ଗବେଷକମାନେ ସନ୍ଧାନ କରିଛନ୍ତି, ଯାହା ଏବେ ମରୁଭୂମିରେ ପରିଣତ ହୋଇଛି।



## ଆମେରିକୀୟ ଦମ୍ପତିଙ୍କୁ ଦେଢ଼ ଲକ୍ଷ ଡଲାର ଫୋନ୍ ବିଲ୍




**ଫ୍ଲୋରିଡା:** ଛୁଟି କଟାଇବା ପାଇଁ ବିଦେଶ ଯିବା ଏକ ଆମେରିକୀୟ ଦମ୍ପତିଙ୍କ ପାଇଁ ମହଙ୍ଗା ପଡ଼ିଛି। ଆମେରିକାର ଫ୍ଲୋରିଡାରେ ରହୁଥିବା ଏକ ଦମ୍ପତି ଛୁଟି କଟାଇବାକୁ ସୁଇଜରଲାଣ୍ଡ ଯାଇଥିଲେ। ସେଠାରେ ୩ ସପ୍ତାହ ଛୁଟି କାଟି ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିବା ପରେ ସେମାନଙ୍କୁ ୧, ୪୩,୦୦୦ ଡଲାରର ଫୋନ୍ ବିଲ୍ ଆସିଛି। ଫ୍ଲୋରିଡାରେ ରହୁଥିବା ରେନେ ରେମୁଣ୍ଡ(୭୧) ଓ ତାଙ୍କ ସ୍ତ୍ରୀ ଲିଣ୍ଡା(୬୫) କିଛିଦିନ ତଳେ ସୁଇଜରଲାଣ୍ଡରେ ଛୁଟି ବିତାଇବାକୁ ଯାଇଥିଲେ। ତେବେ ଯେତେବେଳେ ସେମାନେ ଛୁଟି ସାରି ଆମେରିକା ଫେରିଲେ, ତାଙ୍କୁ ୧, ୪୩,୦୦୦ ଡଲାରର ଫୋନ୍ ବିଲ୍ ଆସିଥିଲା। ରିପୋର୍ଟ ଅନୁଯାୟୀ, 'ଟି-ମୋବାଇଲ୍' ନାମକ ଏକ କମ୍ପାନୀ ଏହି ବିଲ୍ ଉକ୍ତ ଦମ୍ପତିଙ୍କୁ ପଠାଇଥିଲା। ଏନେଇ ରେନେ କହିଛନ୍ତି, ସେ 'ଟି-ମୋବାଇଲ' କମ୍ପାନୀର ସେବାକୁ ଗତ ୩୦ ବର୍ଷ ଧରି ବ୍ୟବହାର କରୁଛନ୍ତି। ନିଜ ବିଦେଶ ଯାତ୍ରା ବିଷୟରେ ସେ କମ୍ପାନୀକୁ ଜଣାଇଥିଲେ, କିନ୍ତୁ ଏହାସତ୍ତ୍ୱେ ମଧ୍ୟ ସେମାନେ ତାଙ୍କ ଇଣ୍ଟରନେଟ ଡାଟା ଉପରେ ରୋମିଂ ଚାର୍ଜ ବନ୍ଦ କରି ନ ଥିବାରୁ ଏତେ ପରିମାଣର ବିଲ୍ ଆସିଛି। ଏହି ଦମ୍ପତି ସେମାନଙ୍କ ସୁଇଜରଲାଣ୍ଡ ଯାତ୍ରା ସମୟରେ ଅନେକ ଫଟୋ ଓ ଭିଡିଓ ଉଠାଇଥିଲେ, ଯାହା ଉଭୟେ ଦେଶ ବାହାରେ ଥିବା ନିଜ ବନ୍ଧୁ ଏବଂ ପରିବାର ସଦସ୍ୟଙ୍କୁ ଶେୟାର କରିଥିଲେ। ଫଳରେ ପ୍ରତିଦିନ ସେମାନଙ୍କର ଲକ୍ଷ ଲକ୍ଷ ଟଙ୍କାର ବିଲ୍ ବଢ଼ି ଚାଲିଥିଲା। ଏହି ବିଲ୍ ସମ୍ପର୍କରେ ରେନେ 'ଟି-ମୋବାଇଲ୍' ସେବା ଅପରେଟରଙ୍କ ସହ ଯୋଗାଯୋଗ କରିଥିଲେ ମଧ୍ୟ ସନ୍ତୋଷଜନକ ଉତ୍ତର ମିଳି ନ ଥିଲା। ତେଣୁ ରେନେ ଏହି ମାମଲାରେ ଆଇନର ଆଶ୍ରୟ ନେଇଛନ୍ତି। ଏନେଇ ରେନେଙ୍କ ଓକିଲ 'ଟି-ମୋବାଇଲ' କମ୍ପାନୀର ଅଧ୍ୟକ୍ଷଙ୍କୁ ନୋଟିସ ଜାରି କରିଛନ୍ତି।

## 'ସଂଘମ୍ ଏଗେନ୍'ରେ ଦୀପିକାଙ୍କ ଆକ୍ସନ ଅବତାର

ମୁମ୍ବାଇ

ଲୋକପ୍ରିୟ ବଲିଉଡ୍ ଅଭିନେତ୍ରୀ ଦୀପିକା ପାଦୁକୋନଙ୍କୁ ଖୁବ୍‌ଶୀଘ୍ର ପରଦାରେ ଲେଡି ସିଙ୍ଘମ ଅବତାରରେ ଦେଖିବାକୁ ମିଳିବ। ଚଳିତ ବର୍ଷ ଅଗଷ୍ଟ ୧୫ରେ ରିଲିଜ ହେବାକୁ ଥିବା 'ସିଙ୍ଘମ୍ ଏଗେନ୍' ଚଳଚ୍ଚିତ୍ରରେ ସେ ନିଜ ଅଭିନୟ ମାଧ୍ୟମରେ ପ୍ରଶଂସକଙ୍କ ହୃଦୟ ଜିତିବା ପାଇଁ କୌଣସି ମଧ୍ୟ ସୁଯୋଗ ହାତଛଡ଼ା କରୁନାହାନ୍ତି। ରୋହିତ ଶେଟ୍ଟୀଙ୍କ ନିର୍ଦ୍ଦେଶିତ 'ସିଙ୍ଘମ ଏଗେନ' ପାଇଁ ଦୀପିକା ନିଜକୁ ସମ୍ପୂର୍ଣ୍ଣ ପ୍ରସ୍ତୁତ କରିଛନ୍ତି। ଏବେ ସେ ଏହି ଫିଲ୍ମର ଶୁଟିଂରେ ବ୍ୟସ୍ତ ରହିଛନ୍ତି। ତେବେ ଫିଲ୍ମ ଶୁଟିଂ ସମୟରେ ଦୀପିକାଙ୍କର ଏକ ଫଟୋକୁ ନିର୍ଦ୍ଦେଶକ ରୋହିତ ଶେଟ୍ଟୀ ନିଜ ଇନ୍‌ଷ୍ଟାଗ୍ରାମ ହ୍ୟାଣ୍ଡେଲରେ ପୋଷ୍ଟ କରିଛନ୍ତି। ଏହି ଫଟୋରେ ଦୀପିକାଙ୍କୁ ଖାକି ପୋଷାକରେ ଦେଖିବାକୁ ମିଳିଛି। ଫଟୋରେ ଦୀପିକାଙ୍କ ଶୈଳୀ ଓ ଅନ୍ଦାଜ ବେଶ୍ ଭାଇରାଲ ହେବାରେ ଲାଗିଛି। ରୋହିତଙ୍କ ପୋଷ୍ଟ କରିଥିବା ଏହି ଫଟୋରେ ଅଜୟ ଦେବଗନଙ୍କ ପରି ଦୀପିକା ମଧ୍ୟ ସିଙ୍ଘମ୍‌ର ଆଇକନିକ ଆକ୍ସନ୍ କରୁଛନ୍ତି । ଏହି ପୋଷ୍ଟର କ୍ୟାପ୍‌ସନରେ ରୋହିତ ଦୀପିକାଙ୍କୁ ଲେଡି ସିଙ୍ଘମ ଭାବେ ସମ୍ବୋଧନ କରିଛନ୍ତି। 'ସିଙ୍ଘମ୍ ଏଗେନ୍' ଚଳଚ୍ଚିତ୍ରରେ ଦୀପିକାଙ୍କୁ ଶକ୍ତି ଶେଟ୍ଟୀ ଚରିତ୍ରରେ ଦେଖିବାକୁ ମିଳିବ। ଦୀପିକାଙ୍କ ସହ ଏହି ଚଳଚ୍ଚିତ୍ରରେ ଅଜୟ ଦେବଗନ, ରଣବୀର ସିଂ, କରୀନା କପୁର, ଅକ୍ଷୟ କୁମାର ଏବଂ ଟାଇଗର ଶ୍ରଫ ମଧ୍ୟ ନଜର ଆସିବେ।



## ସଂକ୍ଷେପରେ

### 'ଉତ୍କଳର ଅମୃତ ସନ୍ତାନ ଥିଲେ ଜଗନ୍ନାଥ ପାଣି'

ଭଦ୍ରକ, ୨୦।୪ (ସନାତନ ରାଉତ)

କବି ଜଗନ୍ନାଥ ପାଣି ଉତ୍କଳର ଅମୃତ ସନ୍ତାନ ଥିଲେ ବୋଲି ତାଙ୍କ ୧୮୮ତମ ଜୟନ୍ତୀରେ ଅତିଥିମାନେ ସ୍ମୃତିଚାରଣ କରିଛନ୍ତି। କବିଙ୍କ ଜନ୍ମପୀଠ ନଳାଙ୍ଗ ସ୍ମୃତିପୀଠରେ କବିଙ୍କ ପ୍ରତିମୂର୍ତ୍ତିରେ ଅତିଥିମାନେ ମାଲ୍ୟାର୍ପଣ କରିଥିଲେ। ଏହି ଅବସରରେ ଅନୁଷ୍ଠିତ ସ୍ମୃତିସଭାରେ ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ, ଅଧ୍ୟାପକ ନିହାର ରଞ୍ଜନ କର, ନାଟ୍ୟଶ୍ରୀ ନିର୍ମଳ ରାଉତ, ଅଧ୍ୟାପକ ମାଧବ ଚନ୍ଦ୍ର ପତି, ବିଷ୍ଣୁ ପାଣି, ରାଧାମୋହନ ଲେଙ୍କା, କଳାକାର କାଳନ୍ଦୀ ମଲ୍ଲିକ, ସୁବାସ ଚନ୍ଦ୍ର ମଲ୍ଲିକ, ପୀତାମ୍ବର ମଲ୍ଲିକ, ନିରଞ୍ଜନ ସ୍ୱାଇଁ, ଅଶୋକ କୁମାର ପାଣି, ରାମନାରାୟଣ ତ୍ରିପାଠୀ, ସନ୍ତୋଷ କୁମାର ଜେନା, ଭାଗୀରଥି ନାୟକ, ସସ୍ମିତା ମହାନ୍ତି, ବିଜୟ କୁମାର ସାହୁ ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ସ୍ମୃତିଚାରଣ କରିଥିଲେ।

### ଶୋଭାଯାତ୍ରାବେଳେ ପଥର ମାଡ଼, ମହିଳା ଆହତ

ଧାମନଗର, ୨୦।୪(ଦେବେନ୍ଦ୍ର ଆନ୍ଦିଆ)

ଶ୍ରୀରାମ ବିଜୟା ଦଶମୀ ଅବସରରେ ଧାମନଗର ଶ୍ରୀରାମ ମହାଯଜ୍ଞ ସମିତି ଆନୁକୂଲ୍ୟରେ ଶୁକ୍ରବାର ସଂକୀର୍ତ୍ତନ ଶୋଭାଯାତ୍ରା କରାଯାଇଥିଲା। ରାତି ପ୍ରାୟ ୮ଟାରେ ଶୋଭାଯାତ୍ରା ଆରମ୍ଭ ହୋଇ ବିଳମ୍ବିତ ରାତି ପର୍ଯ୍ୟନ୍ତ ଚାଲିଥିଲା। ଧାମନଗର ଥାନା ନିକଟରେ ଶୋଭାଯାତ୍ରା ଉପରକୁ କେହି ଦୁର୍ବୃତ୍ତ ପଥର ମାଡ଼ କରିଥିଲେ। ଏଥିରେ ଜଣେ ମହିଳା ଆହତ ହୋଇ ଭଦ୍ରକ ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି।

### ଶିକ୍ଷାବିତ୍‌ଙ୍କ ସ୍ମୃତିଚାରଣ

ଭଦ୍ରକ, ୨୦।୪ (ରବିନାରାୟଣ ଖିଲାର)

ଭଦ୍ରକ ବିନ୍ଦୁମାଧବ ବାଗୁରାଇ ସରକାରୀ ଉଚ୍ଚ ବିଦ୍ୟାଳୟରେ ପୂର୍ବତନ ପ୍ରଧାନଶିକ୍ଷକ ସ୍ୱର୍ଗତ ଦେବେନ୍ଦ୍ର କୁମାର ସ୍ୱାଇଁଙ୍କ ଉଦ୍ଦେଶ୍ୟରେ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ପ୍ରଶାନ୍ତ କୁମାର ସାହୁଙ୍କ ସହାୟତାରେ ଆୟୋଜିତ ଏହି ସଭାରେ ପୂର୍ବତନ ଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକ ସ୍ୱର୍ଗତ ସ୍ୱାଇଁଙ୍କ ବହୁବିଧ ପ୍ରତିଭା ଉପରେ ବକ୍ତବ୍ୟ ରଖିଥିଲେ। ପୂର୍ବତନ ପ୍ରଧାନଶିକ୍ଷକ ହରମୋହନ କୁଅଁର ଏଥିରେ ସଭାପତିତ୍ୱ କରିଥିଲେ। ପୂର୍ବତନ ପ୍ରଧାନଶିକ୍ଷକ ଅନାଦି ଚରଣ ଦାସ, ବାଦଲ କିଶୋର ମହାପାତ୍ର, ସୁବଳ ଚରଣ ପତ୍ରୀ, କରୁଣାକର ଉପାଧ୍ୟାୟ, ଗୋଷ୍ଠୀ ଶିକ୍ଷା ଅଧିକାରୀ ଚକ୍ରଧର ମଲ୍ଲିକ, ସୁରେଶ କୁମାର ସାହୁ, ରବିନାରାୟଣ ମଲ୍ଲିକ, ଅଜିତ କୁମାର ନାଏକ, ତରୁଣ କୁମାର ଭଟ୍ଟାଚାର୍ଯ୍ୟ, ବିଜୟ କୁମାର ନାୟକ, ମୁକ୍ତି କାନ୍ତ ମହାପାତ୍ର, ଅକ୍ଷୟ କୁମାର ନାୟକ, ଅକ୍ଷୟ ପଣ୍ଡା, ଯୁଧିଷ୍ଠିର ବାରିକ, ଅରବିନ୍ଦ ବସନ୍ତରାୟ, ତପସ୍ୱିନୀ ପହି, ଦେବବ୍ରତ ମହାନ୍ତି, ସନ୍ତୋଷ କୁମାର ଖିଲାର, ସୋମନାଥ ଜେନା, ତପନ କୁମାର ମିଶ୍ର, ପ୍ରଧାନଶିକ୍ଷକ ରତିକାନ୍ତ ବେହେରା, ନରେନ୍ଦ୍ର କୁମାର ସାହୁ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ସ୍ୱାଇଁଙ୍କ ସ୍ମୃତିର କରିଥିଲେ।

# ବିଦ୍ୟୁତ୍, ପାନୀୟ ଜଳ ବ୍ୟବସ୍ଥା ଉପରେ ଗୁରୁତ୍ୱ

ଭଦ୍ରକ,୨୦।୪ (ସନାତନ ରାଉତ/ ରବିନାରାୟଣ ଖିଲାର)



ସମୀକ୍ଷା ବୈଠକରେ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଓ ଅନ୍ୟ ଅଧିକାରୀମାନେ।

- ମତଦାନ ବୁଥ୍ ପ୍ରସ୍ତୁତି ନେଇ ଜିଲାପାଳଙ୍କ ସମୀକ୍ଷା
- ବୁଥ୍ ପରିଦର୍ଶନ କରି ସମସ୍ୟା ଜଣାଇବାକୁ ଅଧିକାରୀଙ୍କୁ ନିର୍ଦ୍ଦେଶ

ଭଦ୍ରକରେ ଆସନ୍ତା ଜୁନ୍ ୧ରେ ହେବାକୁ ଥିବା ସାଧାରଣ ନିର୍ବାଚନ ପାଇଁ ଜିଲାର ୫ ବିଧାନସଭା ନିର୍ବାଚନମଣ୍ଡଳୀ ଅଧୀନ ୧୩୦୯ଟି ବୁଥ୍‌ର ଚୂଡ଼ାନ୍ତ ପ୍ରସ୍ତୁତି ନେଇ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଶନିବାର ସମୀକ୍ଷା କରିଛନ୍ତି। ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀଙ୍କ ଅଧ୍ୟକ୍ଷତାରେ ଜିଲା କାର୍ଯ୍ୟାଳୟର ଓସ୍‌ୱାନ୍ ହଲ୍‌ରେ ଆଭାସୀ ଜରିଆରେ ଅନୁଷ୍ଠିତ ବୈଠକରେ ରିଟର୍ନିଂ ଅଧିକାରୀ ଭାବେ ଅତିରିକ୍ତ ଜିଲାପାଳ ଶାନ୍ତନୁ କୁମାର ମହାନ୍ତି, ସସ୍ମିତ କୁମାର ଗଡ଼ନାୟକ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ସରୋଜ କୁମାର ଦତ୍ତ, ଉପଜିଲାପାଳ ମନୋଜ ପାତ୍ର, ଅତିରିକ୍ତ ଉପଜିଲାପାଳ ଶ୍ୟାମଳ ରାୟ ପ୍ରମୁଖ ଯୋଗ ଦେଇଥିଲେ। ସମସ୍ତ ବୁଥ୍‌ରେ ବିଦ୍ୟୁତ୍ ସଂଯୋଗ, ପାନୀୟ ଜଳ ଓ ଶୌଚାଳୟ ବ୍ୟବସ୍ଥା ଉପରେ ଜିଲାପାଳ ଗୁରୁତ୍ୱାରୋପ କରିଥିଲେ। ବୁଥ୍ ପ୍ରସ୍ତୁତି କରାଯାଇଥିବା ସ୍କୁଲ କିମ୍ବା ଅଙ୍ଗନୱାଡ଼ି କେନ୍ଦ୍ରର ପ୍ରାଚୀର, କବାଟ, ଝରକା, ଆବଶ୍ୟକ ଫର୍ନିଚର, ଫ୍ୟାନ ଆଦି ବ୍ୟବସ୍ଥା ନେଇ ଆଭାସୀରେ ଯୋଡ଼ି ହୋଇଥିବା ସମସ୍ତ ବିଡିଓ ଅବଗତ କରାଇଥିଲେ।

ୱେବ୍‌କାଷ୍ଟିଂ ହେବାକୁ ଥିବା ବୁଥ୍‌ଗୁଡ଼ିକରେ ମଧ୍ୟ ଆନୁଷଙ୍ଗିକ ବ୍ୟବସ୍ଥା ଉପଲବ୍ଧ ନେଇ ନିର୍ଦ୍ଦେଶ ଦେଇଥିଲେ। ବିଦ୍ୟୁତ୍ ସଂଯୋଗ ନ ଥିବା ବୁଥ୍ ପାଇଁ ସମ୍ପୃକ୍ତ ସ୍କୁଲକୁ ଯଥାଶୀଘ୍ର ବିଦ୍ୟୁତ୍ ଯୋଗାଣ ପାଇଁ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ବିଡିଓ, ବିଇଓ ଏବଂ ପୌର ନିର୍ବାହୀ ଅଧିକାରୀମାନେ ନିଜ ଅଧୀନରେ ଥିବା ସମସ୍ତ ବୁଥ୍ ପରିଦର୍ଶନ କରି ସମସ୍ୟା ଅତିଶୀଘ୍ର ଜଣାଇବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ଡେପୁଟି କଲେକ୍ଟର(ନିର୍ବାଚନ) ସାଗରିକା ସାହୁ, ଜିଲା ଶିକ୍ଷା ଅଧିକାରୀ ଅକ୍ରୂର ଚରଣ ବାରିକ୍, ଏଡିଇଓ ଏବଂ ବିଇଓମାନେ ଉପସ୍ଥିତ ଥିଲେ।

## ଭଣ୍ଡାରିପୋଖରୀର ବିକାଶ ମୋର ଲକ୍ଷ୍ୟ: ସଞ୍ଜୀବ

ଭଦ୍ରକ,୨୦।୪(ସନାତନ ରାଉତ)





କାଦବରାଙ୍ଗରେ ଅନୁଷ୍ଠିତ ବିଜେଡିର କର୍ମୀ ସମ୍ମିଳନୀରେ ବିଧାୟକ ପ୍ରାର୍ଥୀ ସଞ୍ଜୀବ ମଲ୍ଲିକ ଓ କର୍ମକର୍ତ୍ତାମାନେ।

ଭଦ୍ରକ ପରି ଭଣ୍ଡାରିପୋଖରୀ ବିଧାନସଭା ନିର୍ବାଚନମଣ୍ଡଳୀର ବିକାଶ ହେବ। ଏହି ନିର୍ବାଚନମଣ୍ଡଳୀର ବିକାଶ କରିବା ତାଙ୍କ ଲକ୍ଷ୍ୟ ବୋଲି ବନ୍ତ ବ୍ଲକ କାଦବରାଙ୍ଗ ପଞ୍ଚାୟତରେ ଅନୁଷ୍ଠିତ ବିଜେଡି କର୍ମୀ ସମ୍ମିଳନୀରେ ଭଣ୍ଡାରିପୋଖରୀ ବିଧାୟକ ପ୍ରାର୍ଥୀ ସଞ୍ଜୀବ ମଲ୍ଲିକ କହିଛନ୍ତି। ରାଜ୍ୟ ସରକାରଙ୍କ ଜନହିତକର ଯୋଜନା ବିଷୟରେ ସେ ଲୋକଙ୍କୁ ଅବଗତ କରିବା ସହ ୬ଷ୍ଠ ଥର ପାଇଁ ନବୀନ ପଟ୍ଟନାୟକଙ୍କୁ ମୁଖ୍ୟମନ୍ତ୍ରୀ କରିବାକୁ ଅନୁରୋଧ କରିଥିଲେ।

ଜିଲା ପରିଷଦ ସଭାପତି ପ୍ରଫୁଲ୍ଲ ଜେନା, ବନ୍ତ ବ୍ଲକ ଅଧ୍ୟକ୍ଷ ମନୋରଞ୍ଜନ ଘଡ଼େଇ, ପୁରୁଷଣ୍ଡ ସମବାୟ ସଭାପତି ପ୍ରଶାନ୍ତ ଦାସ, କାଦବରାଙ୍ଗର ବିଜେଡି ନେତା ଭାଗୀରଥି ସେଠୀ, ବନ୍ତ ବ୍ଲକ ଯୁବ ସଭାପତି ସତ୍ୟସାଧନ ବେଜ, କାଦବରାଙ୍ଗ ସରପଞ୍ଚ ତଅପୋଇ ସେଠୀ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ପଞ୍ଚାୟତର ଦଳୀୟ କର୍ମୀଙ୍କ ସମେତ ବହୁ ମହିଳା ଓ ପୁରୁଷ ଏହି ସମ୍ମିଳନୀରେ ଯୋଗ ଦେଇଥିଲେ। ସେହିପରି ବଡ଼ବର୍ଚ୍ଛିକୟାଁ ପଞ୍ଚାୟତରେ ଅନୁଷ୍ଠିତ କର୍ମୀ ବୈଠକରେ ବିଧାୟକ ପ୍ରାର୍ଥୀ ସଞ୍ଜୀବ ଯୋଗ ଦେଇଥିଲେ।

## ବିକାଶମୂଳକ କାର୍ଯ୍ୟ ବଖାଣିଲେ ବ୍ୟୋମକେଶ



ସମ୍ମିଳନୀରେ ବିଧାୟକ ପ୍ରାର୍ଥୀ ବ୍ୟୋମକେଶ ରାୟଙ୍କ ସହ ବିଜେଡି କର୍ମକର୍ତ୍ତା।

ଚାନ୍ଦବାଲି,୨୦।୪ (କିଷାନ ପାତ୍ର)

**ବିଜେଡିର କର୍ମୀ ସମ୍ମିଳନୀ**

ଚାନ୍ଦବାଲି ବିଜେଡି ପକ୍ଷରୁ ବ୍ଲକର ଉତୁକୁଡ଼ା ପଞ୍ଚାୟତଠାରେ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ସଭାପତି ସୁବାସ ବଳଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ସମ୍ମିଳନୀରେ ବିଧାୟକ ପ୍ରାର୍ଥୀ ଡ. ବ୍ୟୋମକେଶ ରାୟ ଯୋଗଦେଇ ରାଜ୍ୟ ସରକାରଙ୍କ ଲୋକାଭିମୁଖୀ ଯୋଜନା ବିଷୟରେ କହିଥିଲେ। ଚାନ୍ଦବାଲିରେ ରାସ୍ତା, ମେଡିକାଲ, ପାର୍କ, ଗ୍ରୀଡ୍, ବାଂଶଡ଼ା ପୋଲ ଆଦି ବିକାଶମୂଳକ କାର୍ଯ୍ୟ ବିଷୟରେ ସେ ବଖାଣିଥିଲେ। ବିଜେଡିର ବ୍ଲକ ସଭାପତି ଦ୍ୱିଜବର ରାଉତ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ନରେଶ ମାଝୀ, ସୁଦର୍ଶନ ବେହେରା, ଦୁର୍ଯ୍ୟୋଧନ ରାଉତ, ରାଜେଶ ପରିଡ଼ା, ନରେନ୍ଦ୍ର ବିଶ୍ୱାଳ, ଗୌରହରି ବଳ ପ୍ରମୁଖ ଉପସ୍ଥିତ ଥିଲେ।

## ବିଜୁବାବୁଙ୍କୁ ଭାରତରତ୍ନ ଦାବି

ତିହିଡ଼ି,୨୦।୪ (ସଞ୍ଜିତ ବଳ)

ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କୁ ମରଣୋତ୍ତର ଭାବେ ଭାରତ ରତ୍ନ ଉପାଧି ପ୍ରଦାନ କରାଯାଉ। ତିହିଡ଼ିସ୍ଥିତ ବିଜେଡି କାର୍ଯ୍ୟାଳୟରେ ବିଜୁବାବୁଙ୍କ ମହାପ୍ରୟାଣ ଦିବସ ପାଳନ ଅବସରରେ ଦଳୀୟ ନେତାମାନେ ଏହି ଦାବି କରିଥିଲେ। ବିଜୁ ବାବୁଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ପରେ ବ୍ଲକ ସଭାପତି ରଘୁନାଥ ପଣ୍ଡାଙ୍କ ପୌରୋହିତ୍ୟରେ ସଭା ଅନୁଷ୍ଠିତ ହୋଇଥିଲା। ଜିଲା ଉପସଭାପତି ସୁରେନ୍ଦ୍ର କୁମାର ନାୟକ ଓ ବରିଷ୍ଠ ନେତା କମଳାକାନ୍ତ ସ୍ୱାଇଁ ଏଥିରେ ଯୋଗଦେଇ ବିଜୁ ବାବୁଙ୍କ ଅବଦାନ, ନିର୍ଭୀକତା ତାଙ୍କୁ ସ୍ମରଣୀୟ ରଖିବ ବୋଲି ମତବ୍ୟକ୍ତ କରିଥିଲେ। ଜିଲା ସାଧାରଣ ସମ୍ପାଦକ କମଳାକାନ୍ତ ଲେଙ୍କା, ସରପଞ୍ଚ କୈଳାସ ପରିଡ଼ା, ପୂର୍ବତନ ସମିତିସଭ୍ୟ କୈଳାସ ରାଉଳ, ସଂଗ୍ରାମ ଦାସ, ସୌମ୍ୟରଞ୍ଜନ ପରିଡ଼ା, ଗଣେଶ ପ୍ରସାଦ ନାୟକ, ପ୍ରଫୁଲ୍ଲ ଜତି, ରାଜକିଶୋର ନାୟକ, କମଳାକାନ୍ତ ପଣ୍ଡା, ଶଶଧର ମଲ୍ଲିକ ପ୍ରମୁଖ ଯୋଗ ଦେଇଥିଲେ।

## ରୋଗୀଙ୍କୁ ଫଳ ବାଣ୍ଟିଲେ

ଆଗରପଡ଼ା,୨୦।୪(ସୁଶାନ୍ତ ଦାଶ)

ବନ୍ତ ବ୍ଲକର ଆଗରପଡ଼ା ରାମଗଡ଼ ମେଳନ ପଡ଼ିଆରେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଶ୍ରାଦ୍ଧ ବାର୍ଷିକୀ ପାଳନ କରାଯାଇଥିଲା। ବିଜେଡି ବିଧାୟକ ପ୍ରାର୍ଥୀ ସଞ୍ଜୀବ କୁମାର ମଲ୍ଲିକ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଜିଲା ପରିଷଦ ଅଧ୍ୟକ୍ଷ ପ୍ରଫୁଲ୍ଲ କୁମାର ଯେନା, ବନ୍ତ ବ୍ଲକ ଅଧ୍ୟକ୍ଷ ମନୋରଞ୍ଜନ ଘଡ଼େଇ, ବିଜେଡି ଯୁବ ସଭାପତି ସତ୍ୟସାଧନ ବେଜ, ପୁରୁଷଣ୍ଡ ସେବା ସମବାୟ ସମିତିର ସଭାପତି ପ୍ରଶାନ୍ତ କୁମାର ଦାଶ, ପୁରୁଷଣ୍ଡ ସରପଞ୍ଚ ପ୍ରକାଶ ବିଶ୍ୱାଳ ପ୍ରମୁଖ ଯୋଗ ଦେଇଥିଲେ। ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ ପରେ ଏକ ବାଇକ୍ ଶୋଭାଯାତ୍ରାରେ ଆଗରପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ରୋଗୀମାନଙ୍କୁ ଫଳ ବଣ୍ଟନ କରିଥିଲେ।

## ଗୋରୁ ବୋଝେଇ ଗାଡ଼ି ଭଙ୍ଗାରୁଜା ନେଇ ମାମଲା

ତିହିଡ଼ି,୨୦।୪(ସଞ୍ଜିତ ବଳ)

**ଶ୍ରୀରାମ ବିଜୟା ଦଶମୀ ଶୋଭାଯାତ୍ରା**

ପବିତ୍ର ଶ୍ରୀରାମ ବିଜୟା ଦଶମୀ ଅବସରରେ ତିହିଡ଼ିରେ ଗୁରୁବାର ରାତିରେ ଶୋଭାଯାତ୍ରା ଚାଲିଥିବା ବେଳେ କେତେଜଣ ବ୍ୟକ୍ତି ଏକ ଗୋରୁ ବୋଝେଇ ଗାଡ଼ିକୁ ଭଙ୍ଗାରୁଜା କରିଥିଲେ। ଏନେଇ ତିହିଡ଼ି ଥାନାରେ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା(ନଂ.୧୭୬/୨୪) ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ପ୍ରକାଶ ଯେ, ଶୋଭାଯାତ୍ରା ଚାଲିଥିବା ବେଳେ ଏକ ପିକ୍‌ଅପ୍ ଭ୍ୟାନ୍ ଗୋରୁ ନେଇ ଭଦ୍ରକ ଅଭିମୁଖେ ଯାଉଥିଲା। କେତେଜଣ ବ୍ୟକ୍ତି ଥାନା ସାମ୍ନାରେ ଗାଡ଼ିକୁ ଅଟକାଇ ସେଥିରେ ଥିବା ୨ଟି ଗାଈ ଓ ଗୋଟିଏ ବାଛୁରୀକୁ ତଳକୁ ଓହ୍ଲାଇ ଛାଡ଼ି ଦେଇଥିଲେ। ପରେ ସେମାନେ ଗାଡ଼ିକୁ ଓଲଟାଇ ଦେବା ସହ ଭଙ୍ଗାରୁଜା କରିଥିଲେ। ପରେ ଗାଡ଼ି ମାଲିକ ଜଗତ୍‌ସିଂହପୁର ଜିଲା ବାଲିକୁଦା ଥାନା ଅଧୀନ ଈଶ୍ୱରପୁର ଗ୍ରାମର ପ୍ରକାଶ ଦାସ ଏନେଇ ଥାନାରେ ଅଭିଯୋଗ କରିଛନ୍ତି।

## ରେଳଧାରଣାରୁ ଚୋରି: ୪୦ ଲୁହାଚାବି ଜବତ, ୨ ଗିରଫ

ତିହିଡ଼ି,୨୦।୪ (ସଞ୍ଜିତ ବଳ)



ଭଦ୍ରକ ଜିଲା ତିହିଡ଼ି ଥାନା ଅଧୀନ ଅଚକ ପଞ୍ଚାୟତର ନନ୍ଦପୁର ମୁସ୍‌ଲିମ ସାହିରୁ ପୋଲିସ ରେଳ ଧାରଣାରୁ ଚୋରି ୪୦ଟି ଲୁହା ଚାବି ଜବତ କରିଛି। ଏଥିସହ ଏହି ଚୋରିରେ ସମ୍ପୃକ୍ତ ୨ଜଣଙ୍କୁ ଗିରଫ ପରେ ଶନିବାର କୋର୍ଟଚାଲାଣ କରାଯାଇଛି। ଗିରଫ ୨ ଅଭିଯୁକ୍ତ ହେଉଛନ୍ତି ଅଲ୍ଲୀ ମୁରାଦ ଓ ମହମ୍ମଦ ହଲିମ। ଏହି ଘଟଣାରେ ତିହିଡ଼ି ଥାନାରେ ଏକ ମାମଲା (ନଂ.୧୭୭/୨୪) ରୁଜୁ ହୋଇଛି। ଭଦ୍ରକ-ଧାମରା ରେଳପଥରୁ ଚୋରି ହୋଇଥିବା ଲୁହା ଚାବି ନନ୍ଦପୁର ମୁସ୍‌ଲିମ ସାହିରେ ଥିବା ପୋଲିସ କୌଣସି ସୂତ୍ରରୁ ଜାଣିବାକୁ ପାଇଥିଲା। ଶୁକ୍ରବାର ପୋଲିସ ଉକ୍ତ ଗାଁରେ ଚଢ଼ାଉ କରି ଲୁହା ଚାବି ଜବତ କରିଥିଲା।

## ବିଶାଣିଖରିଦା ବାସନ୍ତୀ ଦୁର୍ଗାପୂଜାର ରୌପ୍ୟ ଜୟନ୍ତୀ





ରୌପ୍ୟ ଜୟନ୍ତୀ ମୁଖପତ୍ର 'ବାସନ୍ତିକା'କୁ ଅତିଥିମାନେ ଲୋକାର୍ପଣ କରୁଛନ୍ତି।

ଭଦ୍ରକ, ୨୦।୪ (ରବିନାରାୟଣ ଖିଲାର)

ଚରମ୍ପା ବିଶାଣିଖରିଦାଠାରେ ବାସନ୍ତୀ ଦୁର୍ଗାପୂଜାର ରୌପ୍ୟ ଜୟନ୍ତୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କମିଟିର ଉପଦେଷ୍ଟା ଶିକ୍ଷାବିତ୍ ଗଗନ ବିହାରୀ ରାଉତଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ପଣ୍ଡିତ ଦୈତାରୀ ମହାପାତ୍ର ମୁଖ୍ୟଅତିଥି, ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ ମୁଖ୍ୟବକ୍ତା, ଇଂ. ଅଭୟ ସୂତାର ସମ୍ମାନିତ ଅତିଥି ଓ ଅଧ୍ୟାପକ ନିହାର ରଞ୍ଜନ କର ସମ୍ମାନିତ ବକ୍ତା ଭାବେ ଯୋଗ ଦେଇଥିଲେ। ଅତିଥିମାନେ ଆନୁଷ୍ଠାନିକ ଭାବେ ସଭାକୁ ଉଦ୍‌ଘାଟନ କରିଥିବା ବେଳେ ମୁଖ୍ୟ ପୂଜକ ପଣ୍ଡିତ ମାଧବାନନ୍ଦ ମିଶ୍ର ବେଦ ପାଠ କରିଥିଲେ। କମିଟିର ସମ୍ପାଦକ ଚିତ୍ତ ରଞ୍ଜନ ବିଶ୍ୱାଳ, ସଭାପତି ଦୀପ୍ତିରଞ୍ଜନ ଦାସ, ସର୍ବ ବରିଷ୍ଠ ପ୍ରତିଷ୍ଠାତା ଭାଗବତ ପଡିଆରୀ, କାଳୀପୂଜା କମିଟି ସଭାପତି ଶ୍ୟାମସୁନ୍ଦର ଗୁପ୍ତା, ସମ୍ପାଦକ ନାରାୟଣ ଚନ୍ଦ୍ର ବିଶ୍ୱାଳ, କୋଷାଧ୍ୟକ୍ଷ ଅନୁପ ବୋଷ, ଦୁର୍ଗା ପୂଜା କମିଟି ସମ୍ପାଦକ ଜୟନ୍ତୀ ସେନାପତି, ସମ୍ପାଦନା ମଣ୍ଡଳୀ ସଭ୍ୟ ବାବୁଲାଲ ଦାସ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ କମିଟି ସମ୍ପାଦକ ବିଶ୍ୱାଳଙ୍କ ସୁକନ୍ୟା ଧୃତିକା ବିଶ୍ୱାଳଙ୍କ ଚିତ୍ତାକର୍ଷକ ଓଡ଼ିଶୀ ନୃତ୍ୟ ଦର୍ଶକମାନଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ରୌପ୍ୟ ଜୟନ୍ତୀ ମୁଖପତ୍ର 'ବାସନ୍ତିକା' ଅତିଥିମାନଙ୍କ ଦ୍ୱାରା ଲୋକାର୍ପଣ ହୋଇଥିବା ବେଳେ ମୁଖ୍ୟ ସମ୍ପାଦକ ଗଗନ ବିହାରୀ ରାଉତ ପତ୍ରିକା ସମ୍ପର୍କରେ ସମୀକ୍ଷା କରିଥିଲେ।

## ଲବଣ ସ୍ମାରକୀ ଦିବସ

ବାସୁଦେବପୁର,୨୦।୪(ନାରାୟଣ ପ୍ରସାଦ ବାରିକ୍)

ବାସୁଦେବପୁର ଚୁଡ଼ାମଣିଠାରେ ଲବଣ ତୀର୍ଥ ସ୍ମାରକୀ କମିଟି ଆନୁକୂଲ୍ୟରେ ଲବଣ ସ୍ମାରକୀ ଦିବସ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ନିର୍ମଳ ଚନ୍ଦ୍ର ବେହେରା ଯୋଗଦେଇ ଲବଣ ସତ୍ୟାଗ୍ରହରେ ଚୁଡ଼ାମଣିର ଭୂମିକା ସମ୍ପର୍କରେ କହିବା ସହ ଛାତ୍ରୀଛାତ୍ର ଓ ଯୁବପିଢ଼ି ଏହା ବିଷୟରେ ଅବଗତ ହେବାକୁ ଆହ୍ୱାନ ଜଣାଇଥିଲେ। ଅନ୍ୟତମ ଅତିଥି ଭାବେ ସାମାଜିକ କର୍ମୀ ତ୍ରୈଲୋଚନ ଜେନା, ପୂର୍ବତନ ପ୍ରଧାନଶିକ୍ଷକ କିଶୋର ମଲିକ, ଶରତ ମଲିକ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ସ୍ଥାନୀୟ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଉପସ୍ଥିତିରେ ପତାକା ଉତ୍ତୋଳନ ସହ ତିଳ ତର୍ପଣ କରାଯାଇଥିଲା। ସାମାଜିକ କର୍ମୀ ଗଗନ ସେଠୀ ସଞ୍ଚାଳନ କରିଥିଲେ। ଲବଣ ସ୍ମୃତି ସ୍ତମ୍ଭରେ ମାଲ୍ୟାର୍ପଣ କରାଯାଇଥିଲା।

## 'କବି ବାଞ୍ଛାନିଧି ମହାନ୍ତି ଥିଲେ ବହ୍ନିମାନ ପ୍ରତିଭା'

ବାସୁଦେବପୁର,୨୦।୪(ନାରାୟଣ ପ୍ରସାଦ ବାରିକ୍)





କବି ବାଞ୍ଛାନିଧି ମହାନ୍ତିଙ୍କ ଜୟନ୍ତୀ ଉତ୍ସବରେ ଉପସ୍ଥିତ ଅତିଥି।

ବାସୁଦେବପୁରର ମିରାକିଲ ପବ୍ଲିକ ସ୍କୁଲ ପରିସରରେ ଶନିବାର ସନ୍ଧ୍ୟାରେ ସର୍ବପୁରାତନ ସାହିତ୍ୟ ଅନୁଷ୍ଠାନ 'ସ୍ରଷ୍ଟା ଓ ସୃଷ୍ଟି' ପକ୍ଷରୁ ଜାତୀୟ କବି ବାଞ୍ଛାନିଧି ମହାନ୍ତିଙ୍କ ଜୟନ୍ତୀ ପାଳନ କରାଯାଇଛି। ମୁଖ୍ୟଅତିଥି ଭାବେ ଫକୀର ମୋହନ ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ପ୍ରାଧ୍ୟାପକ ପ୍ରଫେସର ମୂରଲୀଧର ସାହୁ ଯୋଗଦେଇ ସଭାକୁ ଉଦ୍‌ଘାଟନ କରିଥିଲେ। କବି ବାଞ୍ଛାନିଧି ମହାନ୍ତି ଥିଲେ ବହ୍ନିମାନ ପ୍ରତିଭା। ସେ ବାସୁଦେବପୁର ଅଞ୍ଚଳ ପାଇଁ ଗର୍ବ ଓ ଗୌରବ ଥିଲେ। ସ୍ୱାଧୀନତା ସଂଗ୍ରାମରେ ସେ ଝାସ ଦେଇ ଇଂରେଜଙ୍କୁ ଭାରତରୁ ତଡ଼ିବା ପାଇଁ ତାଙ୍କ ଦ୍ୱାରା ରଚିତ କବିତା ମାଧ୍ୟମରେ ସଂଗ୍ରାମୀଙ୍କୁ ସାହସ ଯୋଗାଇଥିଲେ। ମୁଖ୍ୟବକ୍ତା ଭାବେ ଗବେଷକ ଡ. ଅଜୟ କୁମାର ପଣ୍ଡା ଯୋଗଦେଇ କବି ବାଞ୍ଛାନିଧିଙ୍କ ଜୀବନାଦର୍ଶ ଓ ସଂଗ୍ରାମୀ ଜୀବନ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ।

ସ୍ରଷ୍ଟା ଓ ସୃଷ୍ଟି'ର ସଭାପତି ଦୁଶାସନ ରାଉତ ସଭାପତିତ୍ୱ କରିଥିବା ବେଳେ ସମ୍ପାଦିକା ଡ. ମୀରାଶ୍ରୀ ମହାନ୍ତି ଅଭିଭାଷଣ ରଖିଥିଲେ। କବି ପ୍ରହ୍ଲାଦ ବାରିକ୍, ରତ୍ନାକର ବାରିକ, ଅବସରପ୍ରାପ୍ତ ଅଧ୍ୟକ୍ଷ ବନମାଳୀ କୁଅଁର, ଭାଗୀରଥି ପଲାଇ, ସୂର୍ଯ୍ୟମଣୀ ଶତପଥି, ଅଧ୍ୟାପକ ବସନ୍ତ ଦାସ, ଅବସରପ୍ରାପ୍ତ ଶିକ୍ଷକ କମଳାକାନ୍ତ କର, ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. ବସନ୍ତ ଦାସ, ଶରତ ଓଝା, ଭରତ ଚନ୍ଦ୍ର ମହାନ୍ତି, କୈଳାସ ଚନ୍ଦ୍ର ନାଥ, ବାବୁଲି ବାରିକ୍, ସ୍ୱପ୍ନାରାଣୀ ମହାନ୍ତି, ପ୍ରଦୀପ ବେହେରା, ଧନେଶ୍ୱର ରାଉତ ପ୍ରମୁଖ କବିଙ୍କ ଜୀବନୀ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ତୃପ୍ତି ମହିଳା ମହାବିଦ୍ୟାଳୟ ଅଧ୍ୟକ୍ଷା ସ୍ନିଗ୍ଧା ମହାନ୍ତିଙ୍କ ସଂଯୋଜନାରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଶେଷରେ ସହସମ୍ପାଦକ ନିରଞ୍ଜନ ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ।

# ପୁନରୁଦ୍ଧାର ଅପେକ୍ଷାରେ କୁଣ୍ଡିନଈ

ତିହିଡ଼ି,୨୦।୪(ସଞ୍ଜିତ ବଳ)



ଘାସ, ଦଳରେ ଭର୍ତ୍ତି ହୋଇଛି କୁଣ୍ଡିନଈ।

- ପୋତି ହୋଇପଡ଼ିବା ସହ ଦଳ, ଘାସରେ ପରିପୂର୍ଣ୍ଣ
- ଶସ୍ୟଶ୍ୟାମଳା ହୋଇପାରୁନି ୯ ପଞ୍ଚାୟତ

ଦିନ ଥିଲା କୁଣ୍ଡିନଈ ପାଇଁ ୯ ପଞ୍ଚାୟତ ଶସ୍ୟଶ୍ୟାମଳା ହେଉଥିଲା। ପାର୍ଶ୍ୱବର୍ତ୍ତୀ ଗାଁର ଲୋକଙ୍କ ଜୀବନ ଜୀବିକା ସହ ଯୋଡ଼ି ହୋଇଥିଲା ଏହି ନଦୀ। ଏହା ଯୋଗୁ ଲୋକେ ନିଜର ଗୁଜୁରାଣ ମେଣ୍ଟାଇବାକୁ ସକ୍ଷମ ହେଉଥିଲେ। ହେଲେ ସମୟ ବଦଳିବା ସାଙ୍ଗକୁ ନଈର ନକ୍ସା ବି ବଦଳି ଯାଇଛି। ତିହିଡ଼ି ବ୍ଲକର ୫ ପଞ୍ଚାୟତ ଦେଇ ଯାଇଥିବା ଏହି ନଦୀ ଏବେ ବିଭିନ୍ନ ସ୍ଥାନରେ ପୋତି ହୋଇପଡ଼ିଥିବା ବେଳେ ଦଳ ଓ ଘାସରେ ପରିପୂର୍ଣ୍ଣ। ପୁନରୁଦ୍ଧାର ଦିଗରେ କୌଣସି ପଦକ୍ଷେପ ନିଆଯାଇ ନ ଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

କୁଣ୍ଡି ନଈ ଭଦ୍ରକ ବେନ୍ତାଳ ଠାରେ ସାଳନ୍ଦୀ ନଦୀରୁ ବାହାରି ତିହିଡ଼ି ବ୍ଲକର କାହାକୁଲାଠାରେ ମନ୍ତେଇ ନଦୀରେ ମିଶିଛି। ଭଦ୍ରକ ବ୍ଲକର କେଦାରପୁର, ବରହମପୁର, ତିହିଡ଼ି ବ୍ଲକର ଦୋଳସାହି, ନୂଆନନ୍ଦ, ପାଳିଆବିନ୍ଧା, ଅଚକ, ସୟା ଓ ବାସୁଦେବପୁର ବ୍ଲକର ହରିପୁର, ପଦ୍ମପୁର ପଞ୍ଚାୟତ ମଧ୍ୟ ଦେଇ ଏହି ନଦୀ ଗତି କରିଛି। ଏସବୁ ପଞ୍ଚାୟତର ଅଧିବାସୀମାନେ ନଦୀ ପାଇଁ ବିଶେଷ ଉପକୃତ ହେଉଥିଲେ। ବିଭିନ୍ନ ପନିପରିବା ଚାଷ ସହ ରବି ଧାନ କରିବାକୁ ଚାଷୀମାନେ ସକ୍ଷମ ହେଉଥିଲେ। ପାର୍ଶ୍ୱବର୍ତ୍ତୀ ଅଞ୍ଚଳ ଏହି ନଦୀ ପାଇଁ ସବୁଜିମାରେ ଭରି ଉଠୁଥିଲା। ସମୟାନୁକ୍ରମେ ନଦୀ ଉଭୟ ପାର୍ଶ୍ୱରୁ ପୋତି ହେବା ଆରମ୍ଭ ହୋଇଥିଲା। ଫଳରେ ନଦୀର ଗଭୀରତା ମଧ୍ୟ କମି ଯାଇଥିଲା। କିଛି ସ୍ଥାନରେ ଅଧାରୁ ଅଧିକ ପୋତି ହୋଇପଡ଼ିଛି। ଏହାର ପୁନରୁଦ୍ଧାର ଦିଗରେ କୌଣସି ଆଖିଦୃଶିଆ ପଦକ୍ଷେପ ନିଆଯାଇ ନାହିଁ। କିଛି ବର୍ଷ ପୂର୍ବେ ନଦୀକୁ କେତେକ ସ୍ଥାନରେ ଖୋଳାଯାଇଥିଲା। ମାତ୍ର କାର୍ଯ୍ୟ ସନ୍ତୋଷଜନକ ହୋଇ ନ ଥିବାରୁ ନଦୀ ପୂର୍ବ ଅବସ୍ଥାରେ ଅର୍ଥାତ୍ ପୋତି ହୋଇପଡ଼ିଛି। ବିଭିନ୍ନ ଚାଷୀ ସଙ୍ଗଠନ ପକ୍ଷରୁ ନଦୀର ସଂସ୍କାର ପାଇଁ ଦାବି ହୋଇଥିଲେ ମଧ୍ୟ ତାହା ପୂରଣ ହୋଇପାରି ନାହିଁ। ଏ ସମ୍ପର୍କରେ ଡ୍ରେନେଜ ବିଭାଗ ଏସ୍‌ଡିଓ ଜ୍ଞାନଦତ୍ତ ରାଉତଙ୍କୁ ପଚାରିବାରୁ ଉକ୍ତ ନଦୀର ପୁନରୁଦ୍ଧାର ପାଇଁ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟକୁ ପ୍ରସ୍ତାବ ପଠାଯାଇଛି, ଅନୁମୋଦନ ମିଳିଲେ କାର୍ଯ୍ୟ ଆରମ୍ଭ ହେବ ବୋଲି କହିଛନ୍ତି।

## ନାଳରେ ବୁଡ଼ି ଶିଶୁପୁତ୍ରଙ୍କ ମୃତ୍ୟୁ

କେନ୍ଦୁଝର,(ନରେଶ ଚନ୍ଦ୍ର ପଟ୍ଟନାୟକ): କେନ୍ଦୁଝର ସଦର ଥାନା ଅନ୍ତର୍ଗତ ଶୁଆକାଟି ମୁଣ୍ଡାସାହିର ଲିଟୁ ମୁଣ୍ଡାଙ୍କ ପୁଅ ବାଦଲ ମୁଣ୍ଡା(୪)ନାଳରେ ବୁଡ଼ି ମୃତ୍ୟୁବରଣ କରିଛନ୍ତି। ଦାଦାଙ୍କ ସହିତ ବାଦଲ ନିକଟସ୍ଥ ନାଳକୁ ଯାଇଥିବାବେଳେ ବୁଡ଼ିଯାଇଥିଲେ। ଦାଦା ପୁତୁରାକୁ ନପାଇ ଘରକୁ ଚାଲିଆସିଥିଲେ। ସ୍ଥାନୀୟ ଯୁବକ ନାଳକୁ ଗାଧୋଇବାକୁ ଯାଇଥିବାବେଳେ ବାଦଲ ପାଣିରେ ଭାସୁଥିବା ଦେଖି ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ବାଦଲଙ୍କୁ ମୃତ ଘୋଷଣା କରିଛନ୍ତି। ପୋଲିସ ମୃତଦେହ ଜବତ କରି ତଦନ୍ତ କରୁଛି।

**ସଂକ୍ଷେପରେ**

## ଆବର୍ଜନାରେ ନିଆଁ



କେନ୍ଦୁଝର,୨୦।୪(ନରେଶ ଚନ୍ଦ୍ର ପଟ୍ଟନାୟକ): କେନ୍ଦୁଝର ସହରର ମଇଳା ଆବର୍ଜନା ଠିକ୍ ପରିଚାଳନା ହେଉନାହିଁ। ଫଳରେ ସିଦ୍ଧମଠ ନିକଟରେ ବାଇପାସ ରାସ୍ତା କଡ଼ରେ ମଇଳା ଆବର୍ଜନା ଜମା କରାଯାଉଥିବାରୁ ଅସନ୍ତୋଷ ବୃଦ୍ଧି ପାଉଛି। ଫଳରେ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେବା ସହ ଅନେକ ସମୟରେ ଦୁର୍ଘଟଣାର କାରଣ ହେଉଛି। ଶନିବାର ଉକ୍ତ ମଇଳା ଆବର୍ଜନାରେ ନିଆଁ ଲାଗି ଯିବାରୁ ଚାରି ଆଡ଼େ ବ୍ୟାପିଥିଲା। ପାଖରେ ଜଙ୍ଗଲ ଓ ପାହାଡ ଥିବାରୁ ନିଆଁ ବ୍ୟାପି ଜଙ୍ଗଲ ପୋଡ଼ି ଆଶଙ୍କା ରହୁଛି। ଫଳରେ ବନ୍ୟପ୍ରାଣୀ, ଗୃହ ପାଳିତ ପଶୁଙ୍କ ପାଇଁ ମଧ୍ୟ ବିପଦର କାରଣ ହେଉଥିବାରୁ ପଦକ୍ଷେପ ନେବାକୁ ଦାବି ହେଉଛି। ଦମକଳ ସହାୟତାରେ ନିଆଁ ଲିଭାଇବା କାମ ଜାରି ରହିଥିଲେ ହେଁ ବିପଦ ସମ୍ଭାବନା ରହୁଛି।

# ଖଣି ଉପତ୍ୟକା ଉତ୍ତପ୍ତ

ଯୋଡ଼ା,୨୦।୪(ମାନସ ମହାନ୍ତି)

କେନ୍ଦୁଝର ଜିଲା ଖଣି ଉପତ୍ୟକା ଯୋଡ଼ା ଚଳିତ ଏପ୍ରିଲ ମାସରେ ଉତ୍ତପ୍ତ ହୋଇପଡ଼ିଛି। ଏକଦା ଗ୍ରୀଷ୍ମ କାଳରେ ମଧ୍ୟ ଶୀତଳ ଅନୁଭୂତି ହେଉଥିବା ଖଣି ଉପତ୍ୟକାରେ ଅଧୁନା ପ୍ରବଳ ତାତି ଅନୁଭୂତି ହେଉଛି। ଚଳିତ ଏପ୍ରିଲ ୨୦ ତାରିଖ ଅପରାହ୍ନ ୨ଟା ବେଳେ ସର୍ବାଧିକ ତାପମାତ୍ର ୪୧.୭ ଡିଗ୍ରୀ ରହିଥିବା ଏକ ବେସରକାରୀ ମେଟ୍ରୋଲୋଜି ବିଭାଗ ସୂତ୍ରରୁ ଜଣାପଡ଼ିଛି।

ସୂଚନା ଅନୁଯାୟୀ, ଶନିବାର ଯୋଡ଼ା, ବିଲେଇପଦା, କାଳିମାଟି ପ୍ରଭୃତି ଅଞ୍ଚଳରେ ଦ୍ୱିପ୍ରହରରୁ ସନ୍ଧ୍ୟା ପର୍ଯ୍ୟନ୍ତ ଶୁନ୍‌ଶାନ ହୋଇଯାଇଥିଲା। ଏପରିକି ଖଣିଜ ପରିବହନ କରୁଥିବା ଭାରିଯାନଗୁଡ଼ିକ ମଧ୍ୟ ରାସ୍ତାକଡ଼ରେ ଅଟକି ରହିଥିଲା। ପ୍ରଚଣ୍ଡ ରୌଦ୍ରତାପ ଫଳରେ ବଜାରରେ ତରଭୁଜ, ପଇଡ଼, ଆଖୁରସ ପ୍ରଭୃତି ବିକ୍ରି ବୃଦ୍ଧି ପାଉ ଥିବା ବେଳେ ପାରମ୍ପରିକ ମୃଦୁ ପାନୀୟ ହାଣ୍ଡିଆ, ରସି ରାସ୍ତା କଡ଼ରେ ବିକ୍ରି ବୃଦ୍ଧି ପାଉଛି। ପରିବେଶବିତ୍ ନୀଳାଦ୍ରି ବିହାରୀ ମିଶ୍ର କହିଛନ୍ତି, କ୍ରମ ବର୍ଦ୍ଧିଷ୍ଣୁ ବନାଞ୍ଚଳରେ ଖଣି ଖନନ ହେତୁ ଅନେକ ହଜାର ହେକ୍ଟର ପରିମିତ ଜଙ୍ଗଲ କାଟି ସଫା କରି ଦିଆଯାଉଛି। ସେହି ଅନୁପାତରେ ବୃକ୍ଷ ରୋପଣ କରାଯାଉ ନାହିଁ। ଅନ୍ୟପକ୍ଷରେ ସରକାରୀ ତହବିଲକୁ ଅର୍ଥ ପ୍ରଦାନ କରି କାଟୁଥିବା ଗଛର ଜରିମାନା ଦିଆଯାଉଛି, ହେଲେ ବୃକ୍ଷ ରୋପଣ ହେଉନାହିଁ। ବୈତରଣୀ ସଂରକ୍ଷିତ ଜଙ୍ଗଲ (କ), (ଖ), ସିଦ୍ଧମଠ, ଠାକୁରାଣୀ ସଂରକ୍ଷିତ ଜଙ୍ଗଲ (କ), (ଖ), କାରୋ ସଂରକ୍ଷିତ ଜଙ୍ଗଲ, ସେରେଣ୍ଡା ସଂରକ୍ଷିତ ଜଙ୍ଗଲ, ମାଲାଙ୍ଗଟୋଲି ବନାଞ୍ଚଳ, ବୋଲାଣୀ, ଲସର୍ଦା ଖଣ୍ଡବନ୍ଧ ବନାଞ୍ଚଳରୁ ଗଛ କାଟି ବିସ୍ତୀର୍ଣ୍ଣ ଅଞ୍ଚଳରେ ଖଣି ଖନନ ଏପରି ଭାବେ କରାଗଲା ଯେ, ଏବେ ଭୂତଳ ଜଳ ବାହାରି ଆସୁଛି। ଫଳରେ ଉତ୍ତାପ ବୃଦ୍ଧି ଋତୁ ଚକ୍ରରେ ଅନିୟମିତତା, ମୃତ୍ତିକା ଅବକ୍ଷୟ ପ୍ରଭୃତି ଉତ୍ତାପ ବୃଦ୍ଧିରେ ସହାୟକ ହେଉଥିବା କହିଛନ୍ତି। ଏତଦ୍ ବ୍ୟତୀତ ଜଙ୍ଗଲ ନିଆଁ ଉତ୍ତାପ ବୃଦ୍ଧିର ମୁଖ୍ୟ କାରଣ ସାଜିଛି। ପରିବେଶବିତ ଉଦୟ ଶଙ୍କର ଆଚାର୍ଯ୍ୟ କହିଛନ୍ତି, ଯୋଡ଼ା ଖଣି ମଣ୍ଡଳରେ ପ୍ରାୟ ୪୦ ହଜାର ହେକ୍ଟର ବନାଞ୍ଚଳରେ ଖଣି ଖନନ ହେଉଛି। ଲିଜ୍‌ଧାରୀ ଖନନ ବେଳେ ହୋଇଥିବା ଗର୍ତ୍ତକୁ ନ ପୋତି ଖଣି ଛାଡ଼ି ଦେଉଛନ୍ତି। ଖଣି ଖନନ ଓ ବ୍ୟାପକ ଜଙ୍ଗଲ ଧ୍ୱଂସ ହେଲେ ଆଗାମୀ ପିଢ଼ି, ବନ୍ୟଜନ୍ତୁ ପ୍ରଭାବିତ ହେବା ସହିତ ଜୈବ ବିବିଧତା ଦେଖା ଦେବ ବୋଲି କହିଛନ୍ତି। ଅମାନିଆଙ୍କ ବିରୋଧରେ ଦଣ୍ଡ ପ୍ରାବଧାନ କରାଯିବା ଉଚିତ ବୋଲି କହିଥିଲେ।

## ହାଟଡ଼ିହୀ ବ୍ଲକ୍‌ରୁ ୩ ଦଳର ପ୍ରାର୍ଥୀ

**ଆନନ୍ଦପୁର ବିଧାନସଭା ନିର୍ବାଚନ ମଣ୍ଡଳୀ**

ହାଟଡ଼ିହୀ,(ଶୁଭକାନ୍ତ ନାୟକ)/ସୋସୋ(ସତ୍ୟବ୍ରତ ଜେନା)୨୦।୪

କେନ୍ଦୁଝର ଜିଲା ଆନନ୍ଦପୁର ନିର୍ବାଚନ ମଣ୍ଡଳୀ ପାଇଁ ବିଜେଡି, ଭାଜପା ଏବଂ କଂଗ୍ରେସ ପକ୍ଷରୁ ବିଧାୟକ ପ୍ରାର୍ଥୀଙ୍କ ନାମ ଘୋଷଣା ସରିଛି। ବିଜେଡିରୁ ବିଧାୟକ ଭାଗୀରଥି ସେଠୀଙ୍କ ଟିକେଟ କଟିଥିବା ବେଳେ ତାଙ୍କ ସ୍ଥାନରେ ନୂଆମୁହଁ ଭାବେ ଅଭିମନ୍ୟୁ ସେଠୀଙ୍କ ଉପରେ ଦଳ ଭରସା କରିଛି। କଂଗ୍ରେସରୁ ଜୟଦେବ ଜେନା ଏବଂ ଭାଜପାରୁ ଆଲୋକ ସେଠୀ ପ୍ରାର୍ଥୀ ହୋଇଛନ୍ତି। ଘୋଷଣା ହୋଇଥିବା ୩ ଦଳର ପ୍ରାର୍ଥୀଙ୍କ ଘର ହାଟଡ଼ିହୀ ବ୍ଲକ୍‌ରେ। ଅଭିମନ୍ୟୁଙ୍କ ଘର ଇଞ୍ଜୋଳରେ ହୋଇଥିବା ବେଳେ ଜୟଦେବଙ୍କ ଶଙ୍ଖଣା, ଆଲୋକଙ୍କ ଘର ହାଟଡ଼ିହୀ ଗ୍ରାମରେ। ଉକ୍ତ ନିର୍ବାଚନ ମଣ୍ଡଳୀ ହାଟଡ଼ିହୀ, ଆନନ୍ଦପୁର ବ୍ଲକ୍ ଏବଂ ଆନନ୍ଦପୁର ପୌର ପରିଷଦକୁ ନେଇ ଗଠିତ। ହାଟଡ଼ିହୀ ବ୍ଲକ୍‌ରୁ ଯେଉଁ ପ୍ରାର୍ଥୀ ଅଧିକ ଭୋଟ ପାଆନ୍ତି, ସେ ବିଜୟୀ ହୋଇଥିବାର ଉଦାହରଣ ପୂର୍ବରୁ ରହିଛି। ଚଳିତ ନିର୍ବାଚନରେ ୩ ପ୍ରାର୍ଥୀ ହାଟଡ଼ିହୀ ବ୍ଲକ୍‌ରୁ ହୋଇଥିବାରୁ ଲଢ଼େଇ ଜୋରଦାର ହେବ ବୋଲି ରାଜନୀତିଜ୍ଞମାନେ କହୁଛନ୍ତି। ଜୟଦେବ ଗତ ୩ ବିଧାନସଭା ନିର୍ବାଚନରେ ବିଜେଡି ଠାରୁ ପରାଜିତ ହୋଇଛନ୍ତି। ଭାଜପା କିନ୍ତୁ ଗତ ପଞ୍ଚାୟତ ନିର୍ବାଚନରେ କଂଗ୍ରେସକୁ ପଛରେ ପକାଇ ବିଜେଡି ସହ ପ୍ରତିଦ୍ୱନ୍ଦ୍ୱିତା କରିଥିଲା। ଗତ ପଞ୍ଚାୟତ ନିର୍ବାଚନରେ ୭ ଟି ଜୋନ୍‌ରୁ ଗୋଟିଏରେ ଭାଜପା ବିଜୟୀ ହୋଇଥିଲା। କଂଗ୍ରେସ ଖାତା ଖୋଲି ପାରି ନ ଥିଲା। ବିଜେଡି ବିଧାୟକ ଭାଗୀରଥି ସେଠୀ ଏବଂ ମାୟାଧର ଜେନାଙ୍କ ଉପରେ କର୍ମୀ ଅସନ୍ତୁଷ୍ଟ ରହି ନୂଆ ମୁହଁକୁ ପ୍ରାର୍ଥୀ କରିବା ଦାବି କରିଥିଲେ। ବିଜେଡି ତରଫରୁ ପୁରୁଣା ମୁହଁ ବାଦ ଦେଇ ନୂଆ ମୁହଁକୁ ପ୍ରାର୍ଥୀ କରାଯାଇଛି। ଏପରି ସ୍ଥଳେ ଅସନ୍ତୁଷ୍ଟ କର୍ମୀ ପୁଣି ଦଳକୁ ଫେରିବା ନେଇ ଆଲୋଚନା ହେଉଥିବା ବେଳେ ଆଶାୟୀ ତଥା ପୂର୍ବତନ ବିଧାୟକ ମାୟାଧର ଜେନା ଓ ଭାଗୀରଥି ସେଠୀଙ୍କ ଭୂମିକା ଉପରେ ସମସ୍ତଙ୍କ ନଜର ରହିଛି। କଂଗ୍ରେସ, ଭାଜପା ନିର୍ବାଚନୀ ପ୍ରଚାରକୁ ଜୋରଦାର କରିଥିବା ବେଳେ ବିଜେଡିର ପ୍ରାର୍ଥୀ ଘୋଷଣା ପରେ ପ୍ରଚାର ପାଇଁ ସଜବାଜ ଆରମ୍ଭ କରିଦେଇଛି।

# ବିଜେଡି ପକ୍ଷରୁ ଶଙ୍ଖଧ୍ୱନି କର୍ମଶାଳା



ବିଜେଡ଼ି ନେତା ଓ କର୍ମକର୍ତ୍ତା।

ପାଟଣା,୨୦।୪(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ବ୍ଲକ୍ କଣ୍ଟିଆପଡ଼ା ପଞ୍ଚାୟତ ଭଗପୋଶିଠାରେ ଶନିବାର ବିଜେଡି ତରଫରୁ ନିର୍ବାଚନ ମଣ୍ଡଳୀସ୍ତରୀୟ ଶଙ୍ଖଧ୍ୱନିକର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧ ହଜାରରୁ ଊର୍ଦ୍ଧ୍ୱ କର୍ମୀ, ନେତା ଓ ମହିଳା ସାମିଲ ହୋଇଥିଲେ। ବିଜେଡିକୁ ଜିତାଇବାକୁ ବିଧାୟକ ପ୍ରାର୍ଥୀ ଜଗନ୍ନାଥ ନାଏକ ମା' ତାରିଣୀଙ୍କ ନିକଟରେ ମାନସିକ କରି ନିର୍ବାଚନ ମଣ୍ଡଳୀର ୫୬ ପଞ୍ଚାୟତ କର୍ମୀମାନଙ୍କ ହାତକୁ ମାନସିକ ନଡ଼ିଆ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ପାଟଣା ନିର୍ବାଚନ ମଣ୍ଡଳୀର ପର୍ଯ୍ୟବେକ୍ଷକ ଡା. ହରିଶ ଚୌଧୁରୀ, ନିର୍ବାଚନମଣ୍ଡଳୀ ସଂଯୋଜକ କାନନ ବିହାରୀ ପୋହି, ପୂର୍ବତନ ବିଧାୟକ କାହ୍ନୁଚରଣ ନାଏକ, ବିଜେଡି ଏମ୍‌ପି ପ୍ରାର୍ଥୀ ଧନୁର୍ଜୟ ସିଦ୍ଧୁ, ପାଟଣା ବିଧାୟକ ତଥା ବିଜେଡି ପାଟଣା ବିଧାୟକ ପ୍ରାର୍ଥୀ ଜଗନ୍ନାଥ ନାଏକ, ପୂର୍ବତନ ବିଧାୟକ ପ୍ରାର୍ଥୀ ଭବାନୀ ଶଙ୍କର ନାୟକ, ଜିଲା ବିଜେଡି କୃଷକ ଦଳ ସଭାପତି ଦୀପକ ରାଜ, ଜିଲା ଉପସଭାପତି ଗୋବିନ୍ଦ ମହାନ୍ତ, ବିଜେଡି ଜିଲା ସାଧାରଣ ସମ୍ପାଦକ ପ୍ରଶାନ୍ତ ଭଞ୍ଜ, ସାହାରପଡ଼ା ବ୍ଲକ୍ ସଭାପତି ଦୀଲ୍ଲିପ ସାହୁ, ଝୁମ୍ପୁରା ବ୍ଲକ୍ ସଭାପତି ଯଦୁମଣି ରାଉତ, ଚମ୍ପୁଆ ବ୍ଲକ୍ ସଭାପତି ଭାଗୀରଥି ଦାଶ ପ୍ରମୁଖ ଯୋଗଦେଇଥିଲେ। ଅରୁଣ ମହାନ୍ତ, ବରିଷ୍ଠ ନେତା ମିତ୍ରଭାନୁ ମହାନ୍ତ ସଂଯୋଜନା କରିଥିଲେ।

## ନିଖୋଜ ବୃଦ୍ଧଙ୍କ ମୃତଦେହ ଜଙ୍ଗଲରୁ ମିଳିଲା

ପାଟଣା,୨୦।୪(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ଥାନା ଭାଲିଆଡାଳ ଗ୍ରାମର ଜଣେ ବୃଦ୍ଧ ଶୁକ୍ରବାର ଗାଧୋଇବାକୁ ଯାଇ ନିଖୋଜ ଥିଲେ। ଶନିବାର ବୃଦ୍ଧଙ୍କ ମୃତଦେହ ଜଙ୍ଗଲ ନିକଟରୁ ଉଦ୍ଧାର ହୋଇଛି। ମୃତକ ଜଣକ ହେଉଛନ୍ତି ଉକ୍ତ ଗ୍ରାମ ରଇବୁ ଦଳଦସିଆ(୯୦)। ସୂଚନା ଅନୁଯାୟୀ, ରଇବୁ ନଦୀକୁ ଗାଧୋଇବାକୁ ଯାଇ ଆଉ ଘରକୁ ଫେରି ନ ଥିଲେ। ପରିବାର ଲୋକେ ଖୋଜାଖୋଜି କରିବା ପରେ ଶନିବାର ସକାଳୁ ଗାଁ ନିକଟ ଶାଳ ଜଙ୍ଗଲରୁ ମୃତଦେହ ପଡିଥିବା ଦେଖିଥିଲେ। ଖବର ପାଇ ପାଟଣା ପୋଲିସ ପହଞ୍ଚି ମୃତଦେହ ଜବତ କରି ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛନ୍ତି। ପାଟଣା ଥାନାରେ ଏକ ମାମଲା(ନଂ.୨୨/୨୪) ରୁଜୁ ହୋଇଥିବା ପାଟଣା ଥାନା ଅଧିକାରୀ ବିବସ୍ୱ ପ୍ରଧାନ କହିଛନ୍ତି। ବାୟସାଧିକ ସକାଶେ ମୃତ୍ୟୁ ହୋଇଥିବା ପୋଲିସ ଅନୁମାନ କରୁଛି।

## କୁଶ ଜିଲା ସଭାପତି, ମୀନାକ୍ଷୀଙ୍କୁ ନିର୍ବାଚନ ସଂଯୋଜିକା ଦାୟିତ୍ୱ

ଯୋଡା,୨୦।୪(ମାନସ ମହାନ୍ତି)

କେନ୍ଦୁଝର ଜିଲାର ଚମ୍ପୁଆ ନିର୍ବାଚନ ମଣ୍ଡଳୀରେ ବିଧାୟିକା ମିନାକ୍ଷୀ ମହାନ୍ତଙ୍କ ସ୍ଥାନରେ ପୂର୍ବତନ ବିଧାୟକ ସନାତନ ମହାକୁଡ଼ଙ୍କୁ ବିଜେଡିରୁ ଟିକେଟ ମିଳିଛି। ତେଣେ ବିଜେଡ଼ି ଦଳର ବରିଷ୍ଠ ସଂଗଠକ କୁଶ ଆପଟଙ୍କୁ ଜିଲା ବିଜେଡି ସଭାପତି ଦାୟିତ୍ୱ ଦିଆଯାଇଛି। ଚମ୍ପୁଆ ନିର୍ବାଚନ ମଣ୍ଡଳୀରୁ ଦଳୀୟ ଟିକେଟ ପାଇଁ ସନାତନ ମହାକୁଡ଼, କୁଶ ଆପଟ, ମିନାକ୍ଷୀ ମହାନ୍ତଙ୍କ ସମେତ ଶିଳ୍ପପତି ଶ୍ରୀନିବାସ ସାହୁଙ୍କ ଝିଅ ସୋନାଲ୍ ସାହୁ ଟିକେଟ ଆଶାୟୀ ଥିଲେ। ଶେଷରେ ବିଜେଡି ଚମ୍ପୁଆରୁ ସନାତନଙ୍କୁ ଟିକେଟ ଦେଇଥିଲା। କୁଶଙ୍କୁ ସନ୍ତୁଷ୍ଟ କରିବା ପାଇଁ ଜିଲା ସଭାପତି ପଦବୀ ଦିଆଯାଇଥିବା କୁହାଯାଉଛି। ବିଧାୟିକା ମୀନାକ୍ଷୀ ମହାନ୍ତଙ୍କୁ ମୟୂରଭଞ୍ଜ ଜିଲା ରଇରଙ୍ଗପୁର, ଯଶିପୁର ନିର୍ବାଚନ ମଣ୍ଡଳୀର ସଂଯୋଜକ ଭାବେ ବିଜେଡ଼ି ସାଂଗଠନିକ ସଂଗଠକ ପ୍ରଣବ ପ୍ରକାଶ ଦାସ ନିଯୁକ୍ତ କରିଛନ୍ତି। ପ୍ରାର୍ଥୀ ସନାତନ ମହାକୁଡ଼ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି, ଦଳ ବଦଳି କରିବା ତାଙ୍କର ଅଭ୍ୟାସ ନାହିଁ। ମୁଖ୍ୟମନ୍ତ୍ରୀଙ୍କ ନିର୍ମଳ ଭାବମୂର୍ତ୍ତି ନେଇ ସେ ନିର୍ବାଚନ ଲଢ଼ିବେ।

## ଦମ୍ପତିଙ୍କଠାରୁ ଲୁଟ ଘଟଣାରେ ଜଣେ ଗିରଫ

ଆନନ୍ଦପୁର,୨୦।୪(ଉମେଶ ଚନ୍ଦ୍ର ପାଢ଼ୀ): କେନ୍ଦୁଝର ଜିଲା ଆନନ୍ଦପୁର, ୨୦ ନମ୍ବର ଜାତୀୟ ରାଜପଥ ଘସିପୁରା ଥାନା ବୀରଗୋବିନ୍ଦପୁର ନିକଟରୁ ଫାଙ୍କା ଗୁଳି ଚାଳନା କରି ଦମ୍ପତିଙ୍କଠାରୁ ସୁନାଗହଣା ଲୁଟ୍ ହୋଇଥିଲା। ଏହି ଘଟଣାରେ ପୋଲିସ ଜଣକୁ ଗିରଫ କରିଛି। ଅଭିଯୁକ୍ତ ହେଲେ ବାମେବାରି ଥାନା ଧନୁର୍ଜୟପୁର ଗ୍ରାମର ଚୌଧୁରୀ ଦିବାର (୨୪)। ଶୁକ୍ରବାର ଅଭିଯକ୍ତଙ୍କୁ ପୋଲିସ ତାଙ୍କ ଘରୁ ଗିରଫ କରିବାରେ ସକ୍ଷମ ହୋଇଥିଲା। ଶନିବାର କୋର୍ଟଚାଲାଣ କରାଯାଇଥିବା ଘସିପୁରା ଥାନା ଅଧିକାରୀ ସୁନୀଲ କୁମାର କର ସୂଚନା ଦେଇଛନ୍ତି। ଅଭିଯୁକ୍ତ ପାଖରୁ ଏକ ଦେଶୀବନ୍ଧୁକ ଓ ମୋବାଇଲ ଫୋନ୍ ଜବତ କରାଯାଇଛି। ସୂଚନାଯୋଗ୍ୟ, ମାର୍ଚ୍ଚ ୨୯ ତାରିଖରେ ଘଟଗାଁ ଥାନା ସାନନୂଆଗାଁ ଗ୍ରାମର ନିଗମ ପ୍ରସାଦ ସାହୁ ଓ ତାଙ୍କ ପତ୍ନୀ ଲଛମାରାଣୀ ସାହୁ ଏକ ସ୍କୁଟିରେ ବେଲବାହାଲିସ୍ଥିତ ଭଉଣୀଘରକୁ ଆସୁଥିଲେ। ଅପରାହ୍ନ ୩ଟା ବେଳେ ବାଇକରେ ୩ ଜଣ ମୁଖାପିନ୍ଧା ଦୁର୍ବୃତ୍ତ ଆସି ବୀରଗୋବିନ୍ଦପୁର ନିକଟରେ ସେମାନଙ୍କୁ ଅଟକାଇଥିଲେ। ଗୁଳି ଫୁଟାଇ ଲଛମାରାଣୀଙ୍କ ବେକ୍‌ରୁ ସୁନାହାର, ମଙ୍ଗଳସୂତ୍ର ଓ କାନଫୁଲ ଲୁଟି ନେଇଥିଲେ। ଜଣଙ୍କୁ ପୋଲିସ ଗିରଫ କରିଥିବା ବେଳେ ଅନ୍ୟ ୨ ଜଣ ଅଭିଯୁକ୍ତ ଏବେ ବି ଫେରାର ଅଛନ୍ତି। ଲୁଟ୍ ସୁନାଗହଣା ଜବତ ହୋଇପାରିନାହିଁ।

# କେନ୍ଦ୍ରୀୟ ବିଦ୍ୟାଳୟ ପାଇଁ ଭୋଟ ବର୍ଜନ ଚେତାବନୀ

ଚମ୍ପୁଆ,୨୦।୪(ମହେଶ୍ୱର ଦାସ)/ କେନ୍ଦୁଝର(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ଚମ୍ପୁଆରେ ୨୦୧୬ରୁ ପ୍ରସ୍ତାବିତ କେନ୍ଦ୍ରୀୟ ବିଦ୍ୟାଳୟ କାର୍ଯ୍ୟକ୍ଷମ ନ ହେବାରୁ ଚମ୍ପୁଆ ଜନସାଧାରଣ ଭୋଟ ବର୍ଜନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏ ନେଇ ସହକାରୀ ଜିଲାପାଳ ସମରେନ୍ଦ୍ର ଦାସଙ୍କୁ ୨୦ରୁ ଅଧିକ ସଂଗଠନ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବି ଅନୁସାରେ ଚମ୍ପୁଆରେ କେନ୍ଦ୍ରୀୟ ବିଦ୍ୟାଳୟ ନିର୍ମାଣ ପାଇଁ ଦୀର୍ଘ ଦିନରୁ ଚମ୍ପୁଆବାସୀ ଦାବି କରି ଆସୁଥିବା ବେଳେ କେନ୍ଦ୍ରୀୟ ବିଦ୍ୟାଳୟ ଆରମ୍ଭ ହେବାର କୌଣସି ସୂଚନା ମିଳିପାରିନାହିଁ। ଏପରିକି ଜଙ୍ଗଲ ଜମିକୁ କିଶମ ପରିବର୍ତ୍ତନ କରାଯିବା ସହ ଅସ୍ଥାୟୀ ବିଦ୍ୟାଳୟ ଖୋଲିବା ପାଇଁ ଚମ୍ପୁଆସ୍ଥିତ ଚନ୍ଦ୍ରଶେଖର ମହାବିଦ୍ୟାଳୟଠାରେ ଆନୁଷଙ୍ଗିକ ବ୍ୟବସ୍ଥା କରାଯାଇଛି। ମାତ୍ର ଦିନ ଗଡୁଥିଲେ ମଧ୍ୟ କେନ୍ଦ୍ରୀୟ ବିଦ୍ୟାଳୟ କାର୍ଯ୍ୟକ୍ଷମ ହୋଇପାରୁନାହିଁ। କେନ୍ଦ୍ରୀୟ ବିଦ୍ୟାଳୟ ଖୋଲୁ ନ ଥିବାରୁ ଚମ୍ପୁଆ ଜନସାଧାରଣ ୨୦୨୪ ନିର୍ବାଚନରେ ଭୋଟ ବର୍ଜନ କରିବେ ବୋଲି ପ୍ରଦୀପ ରାଜ, ଆଇନ୍‌ଜୀବୀ ସଞ୍ଜୟ ଗିରି, ଶିକ୍ଷାବିତ ରମାକାନ୍ତ ପ୍ରଧାନ, ବଣିକ ସଂଘ ସଭାପତି ଏମଡି ମୁନିଙ୍କ ନେତୃତ୍ୱରେ ଅଟୋ ଚାଳକ ସଂଘ ସହିତ ବହୁ ଜନସାଧାରଣ ଯୋଗଦେଇ ଦାବିପତ୍ର ପ୍ରଦାନ କରିଛନ୍ତି। ସେହିପରି କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାପନ ପାଇଁ ଶନିବାର ଆନ୍ଦୋଳନରେ ଚମ୍ପୁଆ ଅଞ୍ଚଳର ବହୁ ପୁରାତନ ମର୍ଣ୍ଣିଂ କ୍ଲବ ସାମିଲ ହୋଇଛି। କ୍ଲବ୍‌ର କର୍ମକର୍ତ୍ତାମାନେ ଶନିବାରଠାରୁ ଏହି ଆନ୍ଦୋଳନରେ ସାମିଲ ହୋଇ ଭୋଟ ବର୍ଜନ ନିଷ୍ପତ୍ତିକୁ ଅଧିକ ସକ୍ରିୟ କରିବାକୁ ନିଷ୍ପତ୍ତି ନେଇଥିବା ଜଣାଯାଇଛି।




ମର୍ଣ୍ଣିଂ କ୍ଲବ ସଦସ୍ୟମାନେ।

## ଗଛ କଟାକୁ ଗ୍ରାମବାସୀଙ୍କ ବିରୋଧ

କେନ୍ଦୁଝର,୨୦।୪(ନରେଶ ଚନ୍ଦ୍ର ପଟ୍ଟନାୟକ): କେନ୍ଦୁଝର ଜିଲାରେ ତାପମାତ୍ରା ୪୩ ଡିଗ୍ରୀ ଟପି ଥିବା ବେଳେ ଗରମରେ ସମସ୍ତେ ଅସ୍ତବ୍ୟସ୍ତ। ଏଭଳି ପରିସ୍ଥିତିରେ ବୃକ୍ଷରୋପଣ କରିବା ଉପରେ ସମସ୍ତେ ଗୁରୁତ୍ୱାରୋପ କରୁଥିବା ବେଳେ ବନ ବିଭାଗ ଗଛ କାଟିବାକୁ ଅନୁମିତ ଦେଉଥିବାରୁ ଅସନ୍ତୋଷ ଦେଖାଦେଇଛି। ସ୍ଥାନୀୟ ମୁକୁନ୍ଦପୁର ମୌଜା ( ଗୋବିନ୍ଦପୁର) ରେ ଫଳ ଦେଉଥିବା ଗଛ କାଟିବାକୁ ଅନୁମୋତି ଦିଆଯାଉଥିବାରୁ ସ୍ଥାନୀୟ ଲୋକେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଜଣେ ପ୍ରଭାବଶାଳୀ ଲୋକଙ୍କ ଜମିରୁ ଗଛ କଟାଯିବା ସମୟରେ ଲୋକଙ୍କ ବିରୋଧ ଯୋଗୁ ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଥିଲା। ସ୍ଥାନୀୟ ଲୋକେ ଡିଏଫ୍‌ଓଙ୍କୁ ଅଭିଯୋଗ କରିବାକୁ ଯାଇଥିଲେ। ବନ ବିଭାଗ କାଟିବାକୁ ଅନୁମତି ଦେଇଥିବା କହିବାରୁ ସେମାନେ ନିରାଶ ହୋଇ ଫେରିଛନ୍ତି। ସେଠାରେ ଥିବା ୧୦ ଟି ଆମ୍ବ, ୨ ନିମ ଓ ଗୋଟିଏ ତେନ୍ତୁଳି ଗଛକୁ କାଟିବାକୁ ଅନୁମତି ଦିଆଯାଇଛି।

## ବିଜେଡି ଟିକେଟ ଘୋଷଣା ପରେ କର୍ମୀଙ୍କ ମଧ୍ୟରେ ଉତ୍ସାହ

ଚମ୍ପୁଆ,୨୦।୪(ମହେଶ୍ୱର ଦାସ)

କେନ୍ଦୁଝର ଜିଲା ଚମ୍ପୁଆ ବିଧାନସଭା କ୍ଷେତ୍ରରୁ ବିଜେଡି ହେବି ୱେଟ୍ ନେତା ସନାତନ ମହାକୁଡଙ୍କ ନାମ ଘୋଷଣା କରିଛି। ସନାତନଙ୍କ ନାମ ଘୋଷଣା ପରେ କର୍ମୀମାନେ ବାଣ ଫୁଟାଇବା ସହ ମିଠା ବାଣ୍ଟି ଖୁସି ବ୍ୟକ୍ତି କରିଥିବା ଦେଖିବାକୁ ମିଳିଥିଲା। କିଛି ଦିନ ତଳେ କଂଗ୍ରେସର ପ୍ରାର୍ଥୀ ଘୋଷଣା ହୋଇଥିଲେ ମଧ୍ୟ ଦୁଇ ପ୍ରମୁଖ ଦଳ ବିଜେଡି, ଭାଜପାର ପ୍ରାର୍ଥୀଙ୍କ ନାମ ଘୋଷଣା ହୋଇ ନ ଥିବାରୁ ନିର୍ବାଚନର ଉଷ୍ମତା ଶୀତଳ ପଡ଼ିଯାଇଥିଲା। ଦୀର୍ଘ ଦିନ ଧରି ବିଜେଡିର ପ୍ରାର୍ଥୀ ଘୋଷଣାକୁ ନେଇ ଲାଗି ରହିଥିବା ଦ୍ୱନ୍ଦ୍ୱ ହଟିଥିବା କୁହାଯାଉଛି। ଅନ୍ୟପକ୍ଷରେ ରାଜ୍ୟ ବିଜେଡି ସଭାପତି ନବୀନ ପଟ୍ଟନାୟକ ଓ ୫-ଟି ମୁଖ୍ୟ ଭିକେ ପାଣ୍ଡିୟାନ ବିଜେଡି କର୍ମୀ ଓ ସନା ସେନାର ସଦସ୍ୟ ସାଧୁବାଦ ଜଣାଇଛନ୍ତି।

## ବିନୋଦ ନାୟକ ହେଲେ ନୂତନ ପ୍ରାର୍ଥୀ

### କେନ୍ଦୁଝର ଲୋକସଭା ପ୍ରାର୍ଥୀ ବଦଳାଇଲା କଂଗ୍ରେସ

କେନ୍ଦୁଝର,୨୦।୪(ନରେଶ ଚନ୍ଦ୍ର ପଟ୍ଟନାୟକ)

ଭାରତୀୟ ଜାତୀୟ କଂଗ୍ରେସ ପକ୍ଷରୁ ଘୋଷଣା ହୋଇଥିବା କେନ୍ଦୁଝର ଜିଲା ଲୋକସଭା ପ୍ରାର୍ଥୀ ମୋହନ ହେମ୍ବ୍ରମଙ୍କ ନାମ ପରିବର୍ତ୍ତନ କରି ଶନିବାର ପୁଣି ଈଂ. ବିନୋଦ ନାୟକଙ୍କ ନାମ ଘୋଷଣା କରିଛି। ଏହାକୁ ନେଇ କଂଗ୍ରେସ ଶିବିରରେ ଖୁସିର ଲହରୀ ଖେଳିଯାଇଛି। ସୂଚନାଯୋଗ୍ୟ, ପ୍ରାର୍ଥୀ ପରିବର୍ତ୍ତନ ପାଇଁ କିଛି ଦିନ ତଳେ କେନ୍ଦୁଝର ଜିଲା କଂଗ୍ରେସର ଛାମୁଆ କର୍ମକର୍ତ୍ତା ସମୂହ ଇସ୍ତଫା ଦେଇଥିଲେ। ଏହାକୁ ନେଇ ଦଳରେ ଚର୍ଚ୍ଚାର ବିଷୟ ହୋଇଥିଲା। ଦଳୀୟ କାର୍ଯ୍ୟକ୍ରମରେ ସାମିଲ ନ ହୋଇ କିମ୍ବା ଜିଲା ସଂଗଠନ ସହିତ କୌଣସି ସମ୍ପର୍କ ନ ରଖି କିପରି ଜିଲା ସଂଗଠନକୁ ନ ପଚାରି ପ୍ରାର୍ଥୀ କରାଯାଇଥିଲା ବୋଲି ସେମାନେ ପ୍ରଶ୍ନ କରିଥିଲେ। ମୋହନ ଗତ ନିର୍ବାଚନରେ କଂଗ୍ରେସର ଏମ୍‌ପି ପ୍ରାର୍ଥୀ ଥିଲେ। ସେହିପରି ବିନୋଦ ପାଟଣା ନିର୍ବାଚନ ମଣ୍ଡଳୀରୁ ପ୍ରାର୍ଥୀ ହୋଇଥିଲେ।

## ଜଳାଶୟ ପୁନରୁଦ୍ଧାର ଉପରେ ଆଲୋଚନା

**ରାଜ୍ୟ ଗୃହ ଓ ନଗର ଉନ୍ନୟନ ବିଭାଗ ପ୍ରତିନିଧି ଦଳର ଗସ୍ତ**

ଚମ୍ପୁଆ,୨୦।୪(ମହେଶ୍ୱର ଦାସ)

ରାଜ୍ୟ ଗୃହ ଓ ନଗର ଉନ୍ନୟନ ବିଭାଗର ରାଜ୍ୟ ଟେକ୍ନିକାଲ ଟିମ୍‌ର ସଦସ୍ୟ ରତିକେଶ ରିତୁପର୍ଣ୍ଣା ନାୟକ ଶନିବାର କେନ୍ଦୁଝର ଜିଲା ଚମ୍ପୁଆ ଗସ୍ତ କରିଛନ୍ତି। ଚମ୍ପୁଆ ବିଜ୍ଞାପିତ ଅଞ୍ଚଳ ପରିଷଦ ମଧ୍ୟରେ ବିଭିନ୍ନ ୱାର୍ଡରେ ରହିଥିବା ଜଳାଶୟ ବୁଲି ଦେଖିଥିଲେ। ସେ ଗୁଡ଼ିକର ପୁନରୁଦ୍ଧାର ଉପରେ ଗୁରୁତ୍ୱ ଦେଇ ଆଲୋଚନା କରିଥିବା ଜଣାପଡ଼ିଛି। ପ୍ରତିନିଧି ଦଳ ଧଳାଡ଼ିହ ରଜା ବନ୍ଧ ଓ ୫ ନଂ. ୱାର୍ଡରେ ଥିବା ସାହେବ ବନ୍ଧ ପୁନରୁଦ୍ଧାର ପାଇଁ କାର୍ଯ୍ୟକ୍ରମ ସମ୍ପର୍କରେ ସ୍ୱୟଂ ସହାୟିକା ସଦସ୍ୟାମାନଙ୍କ ସହ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମ କିପରି ଆଗାମୀ ବର୍ଷା ଦିନ ପୂର୍ବରୁ ଶେଷ କରାଯାଇପାରିବ ସେଥି ନିମିତ ମିଶନ ଶକ୍ତି ସଦସ୍ୟାମାନଙ୍କୁ ପରାମର୍ଶ ଦେଇଥିଲେ। ଆଲୋଚନାରେ ବିଜ୍ଞାପିତ ଅଞ୍ଚଳ ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ଅନିରୁଦ୍ଧ ପ୍ରଧାନ, ସହକାରୀ ଯନ୍ତ୍ରୀ ସୁଧାକର ଦାଶ, ସିଟି ମିଶନ ମ୍ୟାନେଜର ଶ୍ରୀ ଅନନ୍ତ ଚରଣ ସାହୁ, କନିଷ୍ଠ ଯନ୍ତ୍ରୀ ସତିସେ ମହାନ୍ତ ପ୍ରଭୃତି ସହାୟତା କରିଥିଲେ।



ସ୍ଥାନୀୟ ଲୋକଙ୍କ ସହ ପ୍ରତିନିଧି ଦଳ ଆଲୋଚନା କରୁଛନ୍ତି।

# ପାଟଣା ବିଧାୟକ ପ୍ରାର୍ଥୀଙ୍କଠାରୁ ଅର୍ଥ ଫେରସ୍ତ ଦାବି

**ଜିଲା ଭାଜପା କାର୍ଯ୍ୟାଳୟରେ କ୍ଷତିଗ୍ରସ୍ତ ହିତାଧିକାରୀ**

କେନ୍ଦୁଝର, ୨୦।୪ (ନରେଶ ଚନ୍ଦ୍ର ପଟ୍ଟନାୟକ)

ଭାଜପାର ପାଟଣା ନିର୍ବାଚନମଣ୍ଡଳୀର ପ୍ରାର୍ଥୀ ଅଖିଳ ନାଏକଙ୍କଠାରୁ କେତେଜଣ କ୍ଷତିଗ୍ରସ୍ତ ହିତାଧିକାରୀ ଟଙ୍କା ଫେରସ୍ତ ଦାବି କରିଛନ୍ତି। ଏ ନେଇ ଶନିବାର ଜିଲା ଭାଜପା କାର୍ଯ୍ୟାଳୟକୁ ଆସି ଅଭିଯୋଗ କରିଛନ୍ତି। କ୍ଷତିଗ୍ରସ୍ତ ଲୋକମାନେ ଭାଜପା ଜିଲା ସଭାପତି ଅଂଶୁମାନ ସବୁଜ ମହାନ୍ତ ବର୍ମାଙ୍କୁ ଅଭିଯୋଗ ପତ୍ର ଦେଇ ଟଙ୍କା ଫେରସ୍ତ ପାଇଁ ଜଣାଇଛନ୍ତି।

ଅଭିଯୋଗ ମୁତାବକ, ସ୍ୱେଚ୍ଛାସେବୀ ସଂସ୍ଥା କ୍ରାଉଡ୍ ଓଡ଼ିଶା ଜରିଆରେ ବାସହୀନ ଲୋକଙ୍କୁ ମାଗଣା ଘର ଯୋଗାଇଦେବା ପାଇଁ ୩ ରୁ ୫ ହଜାର ଟଙ୍କା ପର୍ଯ୍ୟନ୍ତ ଆଦାୟ କରାଯାଇଥିଲା। ଦୀର୍ଘ ପ୍ରାୟ ୨ବର୍ଷରୁ ଅଧିକ ହେବ ପାଟଣା, ସାହାରପଡ଼ା, ସଦର ଏବଂ ଘଟଗାଁ ବ୍ଲକ୍ ଅଞ୍ଚଳର ପ୍ରାୟ ୩୦୦ଲୋକଙ୍କ ଠାରୁ ଏଭଳି ମାଗଣା ଘର ଯୋଗାଇ ଦେବା ନାମରେ ଅର୍ଥ ଆଦାୟ କରାଯାଇ ପରବର୍ତ୍ତୀ ସମୟରେ ଘର ଦିଆଯାଇ ନ ଥିଲା। ତେବେ ଘର ନ ପାଇବାରୁ ସେମାନେ ଜମା ଦେଇଥିବା ଅର୍ଥ ଫେରସ୍ତ ଦାବି କରିଥିଲେ। ଉକ୍ତ ସଂସ୍ଥା ଅର୍ଥ ନେଇ ରସିଦ ଦେଇଥିବାବେଳେ ଘର କାହିଁକି ଦେଇ ନାହିଁ ତାହା ତଦନ୍ତ ହେଲେ ଜଣାପଡ଼ିବ। ଏଥିପାଇଁ ଭାଜପା ବିଧାୟକ ପ୍ରାର୍ଥୀ ଅଖିଳ ଚନ୍ଦ୍ର ନାଏକଙ୍କ ସମ୍ପୃକ୍ତି ଥିବା ଅଭିଯୋଗ କରି ଅର୍ଥ ଫେରସ୍ତ କରିବାକୁ ଦାବି କରିଛନ୍ତି। ଅଭିଯୋଗ ସମ୍ପର୍କରେ ପ୍ରାର୍ଥୀଙ୍କୁ ଜଣାଇ ଏହାର ସମାଧାନ କରିବେ ବୋଲି ଜିଲା ସଭାପତି ସେମାନଙ୍କୁ ଆଶ୍ୱାସନା ଦେଇଛନ୍ତି।



ଭାଜପା ଜିଲା ସଭାପତିଙ୍କୁ ଅଭିଯୋଗ କରୁଛନ୍ତି ମହିଳା।

## ଶ୍ରୀରାମ ଚନ୍ଦ୍ର ଭଞ୍ଜ ମହାବିଦ୍ୟାଳୟରେ ଭୋଟର ସଚେତନତା

ବାରିପଦା, ୨୦।୪ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ରାସ୍ତାସ୍ଥିତ ଶ୍ରୀରାମ ଚନ୍ଦ୍ର ଭଞ୍ଜ ମହାବିଦ୍ୟାଳୟରେ ଶନିବାର ଭୋଟର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟତଃ ନୂଆ ଏବଂ ଯୁବ ଭୋଟରଙ୍କୁ ମତଦାନ କାର୍ଯ୍ୟକ୍ରମରେ ସାମିଲ କରିବା ନେଇ ଏହାର ମୁଖ୍ୟ ବିଷୟବସ୍ତୁ ଥିଲା 'ନିର୍ବାଚନ ପୂର୍ବ ଆମ ଦେଶର ଗର୍ବ ଏବଂ ସତର ପୂରି ମୋତେ ହେଲା ଅଠର, ନିଶ୍ଚୟ ହେବି ମୁଁ ଏକ ନୂଆ ଭୋଟର' ପୋଷ୍ଟରଗୁଡ଼ିକ କାର୍ଯ୍ୟକ୍ରମକୁ ଅଧିକ ଆକର୍ଷଣୀୟ କରିଥିଲା। କାର୍ଯ୍ୟକ୍ରମ ପୂର୍ବରୁ ନିର୍ବାଚନ ସମ୍ବନ୍ଧୀୟ ରଙ୍ଗୋଲି ଏବଂ ଚିତ୍ରାଙ୍କନ କରାଯାଇଥିଲା। ମହାବିଦ୍ୟାଳୟର ଶିକ୍ଷା ବିଭାଗ ଅଧ୍ୟାପିକା ସୁଚିତ୍ରା ବେହେରା ଏବଂ କ୍ରୀଡ଼ା ଶିକ୍ଷକ ଧନଞ୍ଜୟ ତ୍ରିପାଠୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା।

ମୟୂରଭଞ୍ଜରେ ନିର୍ବାଚନ ଜୁନ୍ ୧କୁ ଧାର୍ଯ୍ୟ ହୋଇଥିବାରୁ ମହାବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନେଇ ମାନବଶୃଙ୍ଖଳ ମାଧ୍ୟମରେ ପ୍ରଦର୍ଶନ କରାଯାଇଥିଲା। କଲେଜ ଅଧ୍ୟକ୍ଷା ଡ. ଅସୀମା ସାହୁ ସଭାରେ ଉଦ୍‌ଘାଟନୀ ଅଭିଭାଷଣ ରଖିଥିଲେ। ମୁଖ୍ୟଅତିଥି ବାରିପଦାର ଉପଜିଲାପାଳ ଈଶ୍ୱର ଚନ୍ଦ୍ର ନାୟକ ଛାତ୍ରୀଛାତ୍ରଙ୍କୁ ନିର୍ବାଚନରେ ବ୍ୟବହୃତ ହେଉଥିବା ଭିଭିପିଏଟି, କଣ୍ଟ୍ରୋଲ ୟୁନିଟ ଆଦିର କାର୍ଯ୍ୟ ବିଷୟରେ କହିଥିଲେ। ମୁଖ୍ୟବକ୍ତା ବାରିପଦା ତହସିଲଦାର ଦିନମଣୀ ନାୟକ କାହା ଦ୍ୱାରା ପ୍ରଲୋଭିତ କିମ୍ବା ପ୍ରଭାବିତ ନ ହୋଇ ବହୁମୂଲ୍ୟ ଭୋଟକୁ ଯୋଗ୍ୟ ଏବଂ ଉପଯୁକ୍ତ ପ୍ରାର୍ଥୀଙ୍କୁ ପ୍ରଦାନ ନିମନ୍ତେ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ବିଡିଓ ଐଶ୍ୱର୍ଯ୍ୟା ଭୂୟାଁ, ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଅନନ୍ତ କିଶୋର ମହାରଣା, କନିଷ୍ଠ ଯନ୍ତ୍ରୀ ସୁବାସ ଚନ୍ଦ୍ର ଜିତବାବୁ ଏବଂ ବୁଥସ୍ତରୀୟ ଅଧିକାରୀ ପ୍ରଦୀପ ଆଚାର୍ଯ୍ୟ ଯୋଗ ଦେଇଥିଲେ। ଅଧ୍ୟାପକ ତ୍ରିଲୋଚନ ମିଶ୍ର ମୁକ୍ତ ନିର୍ବାଚନ ପାଇଁ ଶପଥପାଠ କରାଇଥିଲେ। ଅଧ୍ୟାପକ ଗୋପାଳକୃଷ୍ଣ ମହାନ୍ତ ଧନ୍ୟବାଦ ଦେଇଥିଲେ।

## ସାପ କାମୁଡ଼ାରେ ଚାଷୀଙ୍କ ମୃତ୍ୟୁ

ଜଳେଶ୍ୱର,(ନବୀନ ସାହୁ)-ଜଳେଶ୍ୱର ବ୍ଲକ ମାରୁଡ଼ିହ ଗାଁର ରମେଶ ବିନ୍ଧାଣି (୬୩) ଶନିବାର ବିଲରେ କାମ କରୁଥିବାବେଳେ ଗୋଟିଏ ବିଷଧର ସାପ ତାଙ୍କ ହାତକୁ କାମୁଡ଼ି ଦେଇଥିଲା। ପରେ ସେ କ୍ଷେତ ପାଖରେ ଥିବା ସେଲ ଘରେ ଆସି ବସିପଡ଼ିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଶାଳବଣି ହସ୍ପିଟାଲକୁ ନେଇଆସିଥିଲେ। ସେଠାରେ ଚିକିତ୍ସା ନ ମିଳିବାରୁ ଦେଢ଼ଘଣ୍ଟା ବିଳମ୍ବରେ ହାତୀଗଡ଼ ହସ୍ପିଟାଲକୁ ନେଇଆସିଥିଲେ। ସେଠାରେ ଚିକିତ୍ସିତ ଅବସ୍ଥାରେ ରମେଶ ମୃତ୍ୟୁବରଣ କରିଥିଲେ।

## ସଂକ୍ଷେପରେ

### ଅଗ୍ନିବିପନ୍ନଙ୍କୁ ସହାୟତା



ଖଇରା, ୨୦।୪(ଉତ୍କଳବନ୍ଧୁ ପଣ୍ଡା)- ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ କଇଥଗଡିଆ ପଞ୍ଚାୟତ ଅଧୀନ ପାତ୍ରଖୁଣ୍ଟା ଗ୍ରାମରେ ଶୁକ୍ରବାର ରାତିରେ ଅଗ୍ନିକାଣ୍ଡ ଘଟି ସୁନ୍ଦର ଜେନାଙ୍କ ୪ ବଖରା ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ଏଥିରେ ତାଙ୍କର ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଥିବା କୁହାଯାଉଛି। ଖବରପାଇ ଖଇରା ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ବିଶିଷ୍ଟ କଂଗ୍ରେସ ନେତା ହିମାଂଶୁ ଶେଖର ବେହେରା ଅଗ୍ନିବିପନ୍ନଙ୍କ ନିକଟରେ ପହଞ୍ଚି ସହାୟତାର ହାତ ବଢାଇଥିଲେ।

### ଗାଡ଼ି ଧକ୍କାରେ ଗୃହରକ୍ଷୀଙ୍କ ମୃତ୍ୟୁ

ନୀଳଗିରି, ୨୦।୪(ପ୍ରଶାନ୍ତ ବିଶ୍ୱାଳ)- ନୀଳଗିରି ମେଡିକାଲ ରାସ୍ତା ନିକଟରେ ଏକ କ୍ଷୀର ଗାଡ଼ି ଧକ୍କାରେ ସାଇକେଲରେ ଯାଉଥିବା କାର୍ଯ୍ୟରତ ଗୃହରକ୍ଷୀଙ୍କ ମୃତ୍ୟୁ ହୋଇଛି। ଛୋଟକାନପୁର ଗ୍ରାମର ଲକ୍ଷ୍ମୀଧର ଜେନା (୫୮) ନୀଳଗିରି ଥାନା ଅଧୀନରେ ଗୃହରକ୍ଷୀ ଭାବେ କାର୍ଯ୍ୟ କରୁଥିଲେ। ଶନିବାର ସକାଳ ୮ଟାରେ ସେ ନୀଳଗିରି ମେଡିକାଲ ନିକଟ ରାସ୍ତାରେ ସାଇକେଲ ଯୋଗେ ଯାଉଥିବା ବେଳେ ପଛପଟୁ ଏକ କ୍ଷୀର ଗାଡି ଲକ୍ଷ୍ମୀଧରଙ୍କ ସାଇକେଲକୁ ପଛପଟୁ ଧକ୍କା ଦେଇଥିଲା। ଫଳରେ ସେ ଛିଟିକି ପଡ଼ିବା ସହ ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ସ୍ଥାନୀୟ ଲୋକେ ତାଙ୍କୁ ପ୍ରଥମେ ନୀଳଗିରି ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ହେଲେ ସ୍ଥିତି ସଙ୍ଗୀନ ହେବାରୁ ତାଙ୍କୁ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ନୀଳଗିରି ପୋଲିସ ଏକ ମାମଲା (ନଂ.୧୨୬/୨୪) ରୁଜୁ କରି ଅଭିଯୁକ୍ତ ଗାଡ଼ିଚାଳକଙ୍କୁ କୋର୍ଟଚାଲାଣ କରିବା ସହିତ ଏକ ଚାରିଚକିଆ ଗାଡ଼ି ଜବତ କରିଛି।

### ଜଳେଶ୍ୱରରେ ପୋଲିସ୍‌ର ଫ୍ଲାଗମାର୍ଚ୍ଚ

ଜଳେଶ୍ୱର, ୨୦।୪(ରବିନାରାୟଣ ପାତ୍ର): ଜଳେଶ୍ୱର ପୋଲିସ୍ ଓ ସିଆର୍‌ପିଏଫ ପକ୍ଷରୁ ମିଳିତ ଫ୍ଲାଗମାର୍ଚ୍ଚ ଅନୁଷ୍ଠିତ ହୋଇଯାଇଛି । ବାଲେଶ୍ୱର ଏସ୍‌ପି ସାଗରିକା ନାଥଙ୍କ ନିର୍ଦ୍ଦେଶରେ ଜଳେଶ୍ୱର ଆଇଆଇସି ରଞ୍ଜନ ସେଠୀଙ୍କ ନେତୃତ୍ୱରେ ସୁରକ୍ଷାବଳମାନେ ହିରୋ ଓ ହୋଣ୍ଡା ଶୋରୁମ୍‌ଠାରୁ ବାହାରି ବଡବଜାର, ବାସନ୍ତୀପଡିଆ, ଶାନ୍ତିଆ, ନୂଆବଜାର, ତହସିଲ ଛକ ଦେଇ ଫେରିଥିଲେ। ଏଥିରେ ସିଆର୍‌ପିଏଫର ଯବାନମାନେ ଅଂଶଗ୍ରହଣ କରିଥିଲେ । ନିର୍ବାଚନ ସମୟରେ ଶାନ୍ତିଶୃଙ୍ଖଳା ବଜାଇ ରଖିବା ନିମନ୍ତେ ଏହା ଏକ ସଚେତନତା କାର୍ଯ୍ୟକ୍ରମ ବୋଲି ସେଠୀ କହିଛନ୍ତି ।

# ଲୁକ୍କାୟିତ ଐତିହ୍ୟ ଅନୁସନ୍ଧାନର ଉତ୍ତରଦାୟିତ୍ୱ ବହନ କରିବାକୁ ପରାମର୍ଶ

ବାଲେଶ୍ୱର, ୨୦।୪(ମାନସ ବିଶ୍ୱାଳ)

ବାଲେଶ୍ୱର ଜିଲା ରେମୁଣା ବ୍ଲକ ନୂଆପାଢ଼ୀସ୍ଥିତ ଫକୀରମୋହନ ବିଶ୍ୱବିଦ୍ୟାଳୟ ପକ୍ଷରୁ ଐତିହ୍ୟ ସୁରକ୍ଷାକୁ ସ୍ୱତନ୍ତ୍ର ଦାୟିତ୍ୱ ଗ୍ରହଣ କରିବାର ବାର୍ତ୍ତା ନେଇ ଅବିରତ ଭାବେ ସଚେତନଶୀଳ। ଏହି ପରିପ୍ରେକ୍ଷୀରେ ବିଶ୍ୱବିଦ୍ୟାଳୟର ଇତିହାସ ଓ ପ୍ରତ୍ନତତ୍ତ୍ୱ ବିଭାଗର ପ୍ରୟାସ ଦ୍ୱାରା ସ୍ନାତକୋତ୍ତର ପରିଷଦ ବୈଠକରେ ବିଶ୍ୱ ଐତିହ୍ୟ ଦିବସ ପାଳନ ହୋଇଯାଇଛି।

ମୁଖ୍ୟଅତିଥି ଭାବେ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଯୋଗଦେଇ ଛାତ୍ରୀଛାତ୍ରମାନେ ନିଜର ପୂର୍ବ ପୁରୁଷମାନଙ୍କ ଅସ୍ତିତ୍ୱ, ଅବସ୍ଥିତି ଓ ବିଲୁପ୍ତ ଇତିହାସ ସମ୍ପର୍କରେ ଅନୁସନ୍ଧାନ କରିବାର ପ୍ରୟାସ କରିପାରିଲେ ବିଶେଷ ଉପକୃତ ହୋଇପାରିବେ। ନିଜର ଆଖପାଖ ଅଞ୍ଚଳରେ ଲୁକ୍କାୟିତ ଐତିହ୍ୟ ଅନୁସନ୍ଧାନର ଉତ୍ତରଦାୟିତ୍ୱ ବହନ କରିବାକୁ ଉପଦେଶ ଦେଇ ଏହାର ରହସ୍ୟକୁ ଗବେଷଣା ମାଧ୍ୟମରେ ଲୋକଲୋଚନକୁ ଆଣିବା ଓ ଏଥିପ୍ରତି ଅନୁସନ୍ଧିତ୍ସୁ ହେବା ଆବଶ୍ୟକ। ଉଭାବନ, ସଂରକ୍ଷଣ ସହ ତତ୍‌ସମ୍ପର୍କିତ ଜ୍ଞାନ ଆହରଣ ହିଁ ଛାତ୍ରୀଛାତ୍ରଙ୍କର ମୂଳ ଉଦ୍ଦେଶ୍ୟ ରହିବା ଉଚିତ୍ ବୋଲି ଉଲ୍ଲେଖ କରିଥିଲେ। ମୁଖ୍ୟବକ୍ତା ଭାବେ ପ୍ରଫେସର ସୁନୀଲ ପଟ୍ଟନାୟକ ଯୋଗଦେଇ ଐତିହ୍ୟ ସୁରକ୍ଷାକୁ ଏକ ସାମୂହିକ ଦାୟିତ୍ୱ ଭାବେ ଗ୍ରହଣ କରାଯିବା ଆବଶ୍ୟକ ବୋଲି ମତପ୍ରକାଶ କରିଥିଲେ। ପରିବେଶ ପରିବର୍ତ୍ତନ ଯୋଗୁ ପ୍ରତ୍ନତାତ୍ତ୍ୱିକ ପରିବର୍ତ୍ତନ ମଧ୍ୟ ଘଟୁଛି, ତେଣୁ ଛାତ୍ରୀଛାତ୍ରମାନେ ନିଜର ଗବେଷଣା ଅଧୀନ ସାଂସ୍କୃତିକ ଏବଂ ପ୍ରାକୃତିକ ଐତିହ୍ୟ ସଂରକ୍ଷଣ ଦିଗରେ ଉତ୍ସାହିତ ହେବାର ଆବଶ୍ୟକତା ରହିଛି ବୋଲି ଉପଦେଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ସବ୍ୟସାଚୀ ପଟ୍ଟନାୟକ ଯୋଗଦେଇ ଐତିହ୍ୟ ସୁରକ୍ଷା ପାଇଁ ସଚେତନ କରାଇବା, ଏହାର ସଂରକ୍ଷଣର ପନ୍ଥାଗୁଡିକ ସମ୍ପର୍କରେ ଅବଗତ ହେବା ଓ ଆସନ୍ନ ପିଢ଼ିକୁ ଏହାର ମୂଲ୍ୟବୋଧ କରାଇବାର ପଦକ୍ଷେପ ନେବା ଉଚିତ୍ ବୋଲି ଉଲ୍ଲେଖ କରିଥିଲେ। ଚଳିତବର୍ଷ ଐତିହ୍ୟ ଦିବସର ମୁଖ୍ୟ ପ୍ରସଙ୍ଗ 'ବିବିଧତାକୁ ଆବିଷ୍କାର ଏବଂ ଅନୁଭବ କର' ସମ୍ପର୍କରେ ଇତିହାସ ଓ ପ୍ରତ୍ନତତ୍ତ୍ୱ ବିଭାଗର ପ୍ରଫେସର ଡ. ପବିତ୍ର ମୋହନ ନାୟକ ଓ ଡ. ଶିଖାଶ୍ରୀ ରାୟ ଆଲୋକପାତ କରିଥିଲେ। ଏହି ଅବସରରେ ବିଭାଗର ଛାତ୍ରୀଛାତ୍ରଙ୍କ ଦ୍ୱାରା ଐତିହ୍ୟ ସଂରକ୍ଷଣର ସଚେତନତାଧର୍ମୀ କ୍ଷୁଦ୍ର ନାଟକ ପରିବେଷଣ କରାଯାଇଥିଲା। ଏଥିସହ ବିଭାଗ ତରଫରୁ ମୟୂରଭଞ୍ଜ ଜିଲାସ୍ଥିତ ଦୁର୍ଗମ ଅଞ୍ଚଳରେ ବସବାସ କରୁଥିବା 'ବାଥୁଡ଼ି' ଜନଜାତିଙ୍କୁ ପରିଦର୍ଶନ ସହ ସେମାନଙ୍କ ଜୀବନଯାପନ ସମ୍ପର୍କିତ ଏକ ଅଡିଓ-ଭିଜୁଆଲ୍ ସୂଚିତ ଡକ୍ୟୁମେଣ୍ଟାରୀ ଉପସ୍ଥାପନା କରିଥିଲେ। ଶେଷରେ ଡ. ସୌମୀ ସେନଗୁପ୍ତା ଧନ୍ୟବାଦ ଦେଇଥିଲେ।



ଅତିଥିଙ୍କ ଗହଣରେ ଉପସ୍ଥିତ ଛାତ୍ରୀଛାତ୍ର।

# ବିଜେଡିର କର୍ମୀ ସମାବେଶ

ଜଳେଶ୍ୱର, ୨୦।୪(ନବୀନ ସାହୁ)

ଜଳେଶ୍ୱର ବ୍ଲକ କଳମା ପଞ୍ଚାୟତର କଳମା ଗାଁରେ ଶନିବାର ବିଜୁ ଜନତା ଦଳର କର୍ମୀ ସମାବେଶ ଓ ମିଶ୍ରଣ ପର୍ବ ଅନୁଷ୍ଠିତ ହେଇଯାଇଛି। ସ୍ଥାନୀୟ ସରପଞ୍ଚ ସୁବିନିତା ଦତ୍ତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମନ୍ତ୍ରୀ ତଥା ବିଜେଡି ବିଧାୟକ ପ୍ରାର୍ଥୀ ଅଶ୍ୱିନୀ କୁମାର ପାତ୍ର ଯୋଗଦେଇ ରାଜ୍ୟ ସରକାରଙ୍କ ଲୋକାଭିମୁଖୀ ଯୋଜନା ବିଷୟରେ ଆଲୋଚନା କରିଥିଲେ। ପଞ୍ଚାୟତ ସମିତି ଅଧ୍ୟକ୍ଷ ମାନସ ଜେନା ଯୋଗଦେଇ ଜଳେଶ୍ୱର ନିର୍ବାଚନ ମଣ୍ଡଳୀରେ ମନ୍ତ୍ରୀଙ୍କ ପ୍ରଚେଷ୍ଟାରେ ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନରେ ହୋଇଥିବା ଉନ୍ନତିମୂଳକ କାର୍ଯ୍ୟ ବାବଦରେ ଲୋକଙ୍କୁ ସୂଚନା ଦେବା ସହିତ ପୁଣିଥରେ ବିକାଶର ପଥରେ ସାମିଲ ହେବା ପାଇଁ ଭୋଟ ଦେବାକୁ ଅନୁରୋଧ କରିଥିଲେ। ସଭାରେ କଂଗ୍ରେସ ଦଳ ଛାଡି ଭୁବନେଶ୍ୱର ପାଢ଼ୀ, ୱାର୍ଡମେମ୍ବର ବିମଳ ଗୁଡ୍ଡୁ, ପ୍ରତାପ ସିଂ, ହରେନ୍ଦ୍ର ସିଂଙ୍କ ନେତୃତ୍ୱରେ ବହୁ କର୍ମୀ ବିଜେଡିରେ ସାମିଲ ହେଇଥିଲେ। କଳମା ପଞ୍ଚାୟତ ସଦସ୍ୟ ଚିତ୍ତରଞ୍ଜନ ବେହେରା, ୭ ନମ୍ବର ଜୋନ୍‌ର ଜିଲା ପରିଷଦ ତୁଳସୀ କିସ୍କୁ, ଜଳେଶ୍ୱର ନିର୍ବାଚନ ମଣ୍ଡଳୀର ଯୁବ ବିଜେଡି ସଭାପତି ବିଶ୍ୱଜିତ ପାଳ, ବରଡ଼ିହା ସରପଞ୍ଚ ଅଜୟ ମହାନ୍ତି, ପୂର୍ବତନ ସଦସ୍ୟ ମୁନିନ୍ଦ୍ର ଧର, ଜୀବନ ବିନ୍ଧୁର ସଂଯୋଜକ ମଧୁସୂଦନ ସେନାପତି, ବ୍ରିଜେଶ ରଣା, ତପନ ଦାସ, ସନ୍ତୋଷ ସାହୁ, ପାର୍ଥସାରଥୀ ଦତ୍ତ, ପଞ୍ଚାୟତ ମହିଳା ସଭାନେତ୍ରୀ ଲକ୍ଷ୍ମୀପ୍ରିୟା ରାଉତ, ବ୍ରଜଶେଖର ପ୍ରଧାନ, ରାଜେଶ ଦାସ, ଅଶୋକ ପ୍ରଧାନ, ଗିତାଞ୍ଜଳୀ ବେହେରା, ବାପି ବେହେରା, ଅଜୟ ଦାସ ପ୍ରମୁଖ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ବିଷୟରେ କହିଥିଲେ। ଅବସରପ୍ରାପ୍ତ ଶିକ୍ଷକ ବିଦ୍ୟାଧର ପାଢ଼ୀ ମଞ୍ଚ ଆହ୍ୱାନ କରିଥିବା ବେଳେ ସୁବିନିତା ଦତ୍ତ ଧନ୍ୟବାଦ ଦେଇଥିଲେ।



ସମାବେଶରେ ବିଜେଡିରେ ସାମିଲ ହୋଇଥିବା ନୂତନ କର୍ମୀଙ୍କୁ ସ୍ୱାଗତ କରାଯାଉଛି।

# ୩୫୦ରୁ ଊର୍ଦ୍ଧ୍ୱ ୟୁନିଟ୍ ରକ୍ତ ସଂଗ୍ରହ

ବାଲେଶ୍ୱର, ୨୦।୪(ମାନସ ବିଶ୍ୱାଳ)

ବାଲେଶ୍ୱର ଜିଲା ରେମୁଣା ଗୋଲେଇସ୍ଥିତ ଟାଟା ପାୱାର ଏବଂ ଓଡ଼ିଶା ସରକାରଙ୍କ ଯୌଥ ଉଦ୍ୟୋଗ ଟିପି ନର୍ଦ୍ଦନ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ(ଟିପିଏନଓଡିଏଲ)ପକ୍ଷରୁ ବିଭିନ୍ନ ସ୍ଥାନରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ରକ୍ତଭଣ୍ଡାର ସହଭାଗିତାରେ ବାଲେଶ୍ୱର ସର୍କଲ ଅଧୀନ ବିଇଡ଼ି, ସିଇଡ଼ି, ଷ୍ଟୋର, ବସ୍ତା ଡିଭିଜନ କାର୍ଯ୍ୟାଳୟ ସମେତ ଯାଜପୁର ରୋଡ ଡିଭିଜନ, ଧାମନଗର ସବ୍-ଡିଭିଜନ ଓ ଆନନ୍ଦପୁର ଡିଭିଜନ କାର୍ଯ୍ୟାଳୟସ୍ତରରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ଏହି ଅବସରରେ ଟିପିଏନଓଡିଏଲ ପକ୍ଷରୁ ପ୍ରାୟ ୩୫୦ରୁ ଉର୍ଦ୍ଧ୍ୱ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଛି। ରକ୍ତ ସଙ୍କଟ ଓ ଜରୁରୀକାଳୀନ ସ୍ଥିତିରେ ଲୋକଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ପ୍ରତି କାର୍ଯ୍ୟାଳୟସ୍ତରରେ ସ୍ୱତନ୍ତ୍ର ଡ୍ରାଇଭ ଦ୍ୱାରା ରକ୍ତଦାନ ଶିବିର ଆୟୋଜନ କରିବାର କାର୍ଯ୍ୟକ୍ରମ ରଖିଛି। ତେବେ ବିଜୁଳି ବିତରଣ ସହ ସ୍ୱେଚ୍ଛାଚାରିତା ତଥା ସାମାଜିକ ଦାୟିତ୍ୱବୋଧ କ୍ଷେତ୍ରକୁ ଟିପିଏନଓଡିଏଲ ବେଶ୍ ଗୁରୁତ୍ୱ ଦେଉଛି। ଶିକ୍ଷାରୁ ବଞ୍ଚିତ ପିଲାମାନଙ୍କୁ ଶିକ୍ଷାଦାନ, ବିଭିନ୍ନ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଜରିଆରେ ଯୁବବର୍ଗଙ୍କୁ ଆତ୍ମନିର୍ଭରଶୀଳ ହେବା ପାଇଁ ପ୍ରଶିକ୍ଷଣ, ନିରକ୍ଷର ମହିଳାମାନଙ୍କୁ ଶିକ୍ଷାଦାନ ଓ ଦକ୍ଷତା ବିକାଶ ଆଦି କାର୍ଯ୍ୟକ୍ରମ ଆୟୋଜନ କରୁଛି। ପ୍ରଶିକ୍ଷଣ କେନ୍ଦ୍ର ସାହାଯ୍ୟରେ ତାଲିମ ପ୍ରଦାନ ସହ ଯୁବବର୍ଗଙ୍କ ଦକ୍ଷତା ବୃଦ୍ଧି, ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ସଦସ୍ୟମାନଙ୍କୁ ଟେଲରିଂ, ବ୍ୟୁଟିସିଆନ ଆଦି ପ୍ରଶିକ୍ଷଣ ଦିଆଯିବା ସହ ସେମାନଙ୍କୁ ଆତ୍ମନିର୍ଭରଶୀଳ କରାଇବା କ୍ଷେତ୍ରରେ ଅନେକ ମହତ୍ତ୍ୱପୂର୍ଣ୍ଣ ପଦକ୍ଷେପ ଟିପିଏନଓଡିଏଲ ଗ୍ରହଣ କରୁଥିବା ଟିପିଏନ୍‌ଓଡିଏଲ୍‌ର ସିଇଓ ଦ୍ୱିଜଦାସ ବସକ ଜଣାଇଛନ୍ତି।



ଶିବିରରେ ଜଣେ ଯୁବତୀ ରକ୍ତଦାନ କରୁଛନ୍ତି।

### ଷ୍ଟେଶନରୁ ମୋବାଇଲ ଲୁଟେରା ଗିରଫ

ରୂପସା, ୨୦।୪(ବାଞ୍ଛାନିଧି ଦେ)- ଦକ୍ଷିଣ ପୂର୍ବ ରେଳପଥର ଖଡ଼ଗପୁର ଡିଭିଜନ ବାଲେଶ୍ୱର ଜିଲା ଅଧୀନ ରୂପସା ରେଳଷ୍ଟେଶନରୁ ଶନିବାର ଆରପିଏଫ୍ ପୋଲିସ ଜଣେ ମୋବାଇଲ ଲୁଟେରାଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ରୂପସା ଥାନା ମିରିଗିମୁଣ୍ଡି ଗ୍ରାମର ଯୁବକ ଲକ୍ଷ୍ମୀଧର ଦଳାଇ। ଏ ସମ୍ପର୍କରେ ବାଲେଶ୍ୱର ଜିଆରପି ଥାନା ପୋଲିସ ଏକ ମାମଲା (ନଂ.୭୨/୨୪ ) ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଛି। ଶୁକ୍ରବାର ରାତିରେ ବାଘାଯତୀନ ଏକ୍ସପ୍ରେସ ଟ୍ରେନ୍‌ରୁ ଜଣେ ମହିଳା ଯାତ୍ରୀଙ୍କଠାରୁ ଲୁଟେରା ଜଣକ ମୋବାଇଲ ଲୁଟ କରି ଚମ୍ପଟ୍ ମାରିଥିଲେ। ଏନେଇ ମହିଳା ଜଣକ ଆରପିଏଫ୍ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ମୁତାବକ ଆରପିଏଫ୍ ଥାନା ଆଇଆଇସି କୁନ୍ଦନ କୁମାର ଝା ସଦଳବଳେ ଷ୍ଟେଶନ ପରିସରରେ ତଦନ୍ତ ଆରମ୍ଭ କରିଥିଲେ। ଅଭିଯୁକ୍ତ ଲକ୍ଷ୍ମୀଧରଙ୍କୁ ପ୍ଲାଟଫର୍ମରୁ କାବୁ କରି ଜିଆର୍‌ପି ଥାନା ପୋଲିସ ଜିମା ଦେଇଥିଲେ।

# ଚାଉଳ ଦୁର୍ନୀତିର ତଦନ୍ତ କଲେ ଜିଲା ଯୋଗାଣ ଅଧିକାରୀ

କାଳିପଦା, ୨୦।୪(ରାଜଶ୍ରୀ ପାଣିଗ୍ରାହୀ)

ବାଲିଆପାଳ ବ୍ଲକ ଅଧୀନ ଦେଉଳା ପଞ୍ଚାୟତର ଜାଠିଆ ଗ୍ରାମରେ କଣ୍ଟ୍ରୋଲ ଡିଲର ଚୈତନ୍ୟ ମାଝି ଚଞ୍ଚକତା କରି ଗ୍ରାମର ୨୧ଜଣ ହିତାଧିକାରୀଙ୍କ ଅନ୍ତ୍ୟୋଦୟ ଚାଉଳକୁ ହରିଲୁଟ୍ କରିଆସୁଥିଲେ। ଏନେଇ ବାଲିଆପାଳ ଯୋଗାଣ ଅଧିକାରୀ ଅମ୍ବିକା ପ୍ରସାଦ ରଥଙ୍କଠାରେ ଅଭିଯୋଗ ହେବା ପରେ ତଦନ୍ତ ପାଇଁ ଘଟଣାସ୍ଥଳରେ ପହଞ୍ଚିଥିଲେ ଓ ଦୁର୍ନୀତି ହେଇଥିବା ଜଣାପଡ଼ିଥିଲା। ପରବର୍ତ୍ତୀ ପର୍ଯ୍ୟାୟରେ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଶନିବାର ଅତିରିକ୍ତ ଜିଲା ଯୋଗାଣ ଅଧିକାରୀ ହିମାଂଶୁ ଭୂଷଣ ସାହୁ, ସହକାରୀ ଯୋଗାଣ ଅଧିକାରୀ ପ୍ରଦୀପ ବେହେରା, ସଦର ଯୋଗାଣ ଅଧିକାରୀ ରାଜ କୁମାର ସିଂ, ବ୍ଲକ ଯୋଗାଣ ଅଧିକାରୀ ରଥଙ୍କ ଉପସ୍ଥିତିରେ ଡିଲର ମାଝିଙ୍କ ପାଖରେ ଥିବା ୧୫୪ଟି କାର୍ଡ଼କୁ ଯାଞ୍ଚ କରାଯାଇଥିଲ। ପରେ ୨୧ହିତାଧିକାରୀଙ୍କ ଅନ୍ତ୍ୟୋଦୟ ଚାଉଳକୁ ଚଞ୍ଚକତା କରି ହଡପ କରାଯାଇଥିବା ଜଣାପଡ଼ିଛି।



ଅଧିକାରୀମାନେ ଚାଉଳ ଦୁର୍ନୀତିର ତଦନ୍ତ କରୁଛନ୍ତି।

# ସାମିଲ ହେଲେ କୁରାଡିହାର ବହୁ ବିଜେଡି ନେତା

ବାଲେଶ୍ୱର,୨୦।୪(ମାନସ ବିଶ୍ୱାଳ)

**ଭାଜପାର 'ମହା ମିଶ୍ରଣ ପର୍ବ'**

ବାଲେଶ୍ୱର ସହର ଜେଲରୋଡ଼ସ୍ଥିତ ସଦର ଭାଜପା କାର୍ଯ୍ୟାଳୟରେ ଶନିବାର 'ମହା ମିଶ୍ରଣ ପର୍ବ' ଅନୁଷ୍ଠିତ ହୋଇଯାଇଛି। ବାଲେଶ୍ୱର ନିର୍ବାଚନମଣ୍ଡଳୀର ବିଧାୟକ ପ୍ରାର୍ଥୀ ମାନସ କୁମାର ଦତ୍ତଙ୍କ ନେତୃତ୍ୱରେ କୁରାଡ଼ିହା ପଞ୍ଚାୟତର ବହୁ ବିଜେଡି, କଂଗ୍ରେସ ନେତା ଏବଂ କର୍ମୀ ଦଳ ପରିତ୍ୟାଗ କରି ବିଧିବଦ୍ଧ ଭାବେ ଭାଜପା ପରିବାରରେ ସାମିଲ ହୋଇଛନ୍ତି। ସମସ୍ତଙ୍କୁ ଦଳୀୟ ଉତ୍ତରୀୟ ଓ ଟୋପି ପିନ୍ଧାଯାଇ ଦଳରେ ସାମିଲ କରାଯାଇଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନକଲ୍ୟାଣକାରୀ ଯୋଜନାରେ ଅନୁପ୍ରାଣିତ ହୋଇ ବହୁ ସଂଖ୍ୟାରେ ବିଜୁ ଜନତା ଦଳର ନେତା ଭାଜପାରେ ଯୋଗଦାନ କରିଛନ୍ତି। ବରିଷ୍ଠ ନେତା ରବିନାରାୟଣ ମହାପାତ୍ର, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପର୍ଶୁରାମ ବେହେରା, ବରିଷ୍ଠ ନେତ୍ରୀ ସୁଷମା ବିଶ୍ୱାଳ, ମଣ୍ଡଳ ପ୍ରଭାରୀ ଗଙ୍ଗାଧର ରାଉତ, ପୂର୍ବତନ ନଗର ସଭାପତି ସୀତାକାନ୍ତ ସ୍ୱାଇଁ, ସୁଜିତ ଦେବ, ମଣ୍ଡଳ ସଭାପତି ତପନ ଗିରି, ଅନନ୍ତ ନାୟକ, ରାଜେନ୍ଦ୍ର ଚାଟାର୍ଜୀ, କାଉନସିଲର ସତ୍ୟଶିବ ସୁନ୍ଦର ଦାଶ ଓ ରୋଜାଲିନ ପାଣି, ସରପଞ୍ଚ ରବିନାରାୟଣ ପ୍ରଧାନ, ନାଏବ ସରପଞ୍ଚ ସୁମିତ୍ରା ବାରିକ, ମଣ୍ଡଳ ସାଧାରଣ ସମ୍ପାଦକ କାର୍ତ୍ତିକ ପ୍ରଧାନ, ସସ୍ମିତା ଦାଶ, ପୁରୁଷୋତ୍ତମ ବାରିକ, ଶଶିକାନ୍ତ ମିଶ୍ର, ମନୋରଞ୍ଜନ ବାରିକ, ରାଜେନ୍ଦ୍ର ବାରିକ, ନରେନ୍ଦ୍ର ମହାଳିକ, ବରେନ୍ଦ୍ର ପ୍ରଧାନ, ସୁଧାକର ବାରିକ, ରବୀନ୍ଦ୍ର ଦାସ, ପଞ୍ଚାନନ ଜେନା, ବିଜୟ ଜେନା, ଶଶିକାନ୍ତ ସାମଲ ଓ ନିରନ ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

# ଆଶ୍ରମ ବିଦ୍ୟାଳୟରୁ ନିର୍ଗତ ଦୂଷିତ ଜଳ ହୋଇଛି କାଳ

ନୀଳଗିରି, ୨୦।୪(ପ୍ରଶାନ୍ତ ବିଶ୍ୱାଳ)

ବାଲେଶ୍ୱର ଜିଲା ନୀଳଗିରି ବ୍ଲକ ନରଣପୁର ପଞ୍ଚାୟତ ବୈଷ୍ଣବବନ୍ଧଠାରେ ଥିବା ରାଜ୍ୟ ସରକାରଙ୍କ ଆଦିବାସୀ ଉନ୍ନୟନ ସଂସ୍ଥାର ଆଶ୍ରମ ବିଦ୍ୟାଳୟରୁ ନିର୍ଗତ ଦୂଷିତ ଜଳ ନରଣପୁର ପଞ୍ଚାୟତ ଧିରିଘୁଟ ଗ୍ରାମବାସୀଙ୍କ ପାଇଁ କାଳ ପାଲଟିଛି। ଆଶ୍ରମରୁ ନିର୍ଗତ ପଚାଶଢ଼ା ପାଣି ସହ ଶୌଚାଳୟ ଜଳ ଧିରିଘୁଟ ଗାଁ ଦେଇ ଯାଇଥିବାରୁ ଗ୍ରାମବାସୀଙ୍କ ସହ ଗୃହପାଳିତ ପ୍ରାଣୀ ସଂସ୍ପର୍ଶରେ ଆସୁଛନ୍ତି। ଏପରି ଅସ୍ୱାସ୍ଥ୍ୟକର ପରିବେଶ ଯୋଗୁ ବିଭିନ୍ନ ସଂକ୍ରାମକ ରୋଗ ବ୍ୟାପିବାର ଆଶଙ୍କା କରାଯାଉଛି।

ଏହି ଆଶ୍ରମରେ ପ୍ରଥମରୁ ଅଷ୍ଟମ ଏବଂ ଅଷ୍ଟମରୁ ଦଶମ ପର୍ଯ୍ୟନ୍ତ ୨ଟି ବିଦ୍ୟାଳୟ ଗୋଟିଏ କ୍ୟାମ୍ପସରେ ରହିଛି। ଏଠାରେ ୫ଶହ ପାଖାପାଖି ପିଲା ରହି ପଢୁଛନ୍ତି। ମାତ୍ର ଏତେସଂଖ୍ୟକ ପିଲା ବ୍ୟବହାର କରୁଥିବା ଶୌଚାଳୟ ପାଣି ବାହାରକୁ ଠିକ୍ ଭାବେ ନିଷ୍କାସନ ହୋଇ ନ ପାରି ଗାଁ ମଝିରେ ଜମି ରହୁଛି। ଫଳରେ ନରଣପୁର ମୁଖ୍ୟରାସ୍ତାରେ ଯାଉଥିବା ଯାତ୍ରୀ ଓ ଗ୍ରାମବାସୀଙ୍କୁ ନାକରେ ରୁମାଲ ଦେଇ ଯିବାକୁ ପଡୁଛି। ଦୀର୍ଘଦିନ ହେଲା ଏପରି ସ୍ଥିତି ସୃଷ୍ଟି ହୋଇଥିଲେ ବି କର୍ତ୍ତୃପକ୍ଷ କୌଣସି ପ୍ରତିକାର କରୁନାହାନ୍ତି। ତେବେ ପୂର୍ବରୁ ଅଞ୍ଚଳବାସୀ ନୀଳଗିରି ବ୍ଲକ୍ ପରିସରରେ ପୂର୍ବତନ ବାଲେଶ୍ୱର ଜିଲାପାଳଙ୍କ ଜନଶୁଣାଣି କାର୍ଯ୍ୟକ୍ରମରେ ଅଭିଯୋଗ କରିଥିଲେ। ମାତ୍ର ଏପର୍ଯ୍ୟନ୍ତ କୌଣସି ଠୋସ୍ ପଦକ୍ଷେପ ଗ୍ରହଣ କରାଯାଇ ନାହିଁ। ପ୍ରଶାସନ ଖୁବ୍‌ଶୀଘ୍ର ଯଦି ପଦକ୍ଷେପ ନ ନିଅନ୍ତି ତା'ହେଲେ ଆଗାମୀ ଦିନରେ ରାସ୍ତାରୋକୋ କରାଯିବ ବୋଲି ଅଞ୍ଚଳବାସୀ ସୂଚନା ଦେଇଛନ୍ତି।



ନିଷ୍କାସନ ନ ହୋଇପାରି ଜମି ରହିଥିବା ଅପରିଷ୍କାର ଜଳ।

# ପରିବର୍ତ୍ତନ ପାଇଁ ଅଣ୍ଟା ଭିଡ଼ିବାକୁ ସଂକଳ୍ପ




କଂଗ୍ରେସର ନିର୍ବାଚନୀ ସଭାରେ ଏମ୍‌ପି ପ୍ରାର୍ଥୀ ଶ୍ରୀକାନ୍ତ ଜେନା ଓ ଅନ୍ୟମାନେ।

ଭୋଗରାଇ, ୨୦।୪(ପ୍ରଦୀପ ଦାସ)

**ଭୋଗରାଇରେ କଂଗ୍ରେସର ନିର୍ବାଚନୀ ସଭା**

ବାଲେଶ୍ୱର ଜିଲା ଭୋଗରାଇ ନିର୍ବାଚନମଣ୍ଡଳୀରେ ବିଜେଡି ଓ ଭାଜପା ଦଳୀୟ ପ୍ରାର୍ଥୀ ଘୋଷିତ ହୋଇ ନ ଥିବା ବେଳେ ପ୍ରଥମେ ଅଖିଳ ଭାରତ କଂଗ୍ରସ କମିଟି ଓ ପ୍ରଦେଶ କଂଗ୍ରେସ କମିଟି ସହମତିରେ କଂଗ୍ରେସ ପକ୍ଷରୁ ସତ୍ୟଶିବ ଦାସଙ୍କୁ ପୁଣିଥରେ ବିଧାନସଭା ପ୍ରାର୍ଥୀ ଭାବେ ଘୋଷଣା କରିଛନ୍ତି। ଏଥିନିମନ୍ତେ ଦଳ ପକ୍ଷରୁ ଶନିବାର କମର୍ଦ୍ଧାରେ ପ୍ରଥମ ଆଗୁଆ ନିର୍ବାଚନୀ ସାଧାରଣ ସଭା କରାଯାଇଛି।

କମର୍ଦ୍ଧା ଡାକବଙ୍ଗଳାଠାରେ କଂଗ୍ରେସର ବରିଷ୍ଠ ନେତା କାର୍ତ୍ତିକ ଚନ୍ଦ୍ର ପାତ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ବାଲେଶ୍ୱର ସଂସଦୀୟ କ୍ଷେତ୍ର କଂଗ୍ରେସ ପ୍ରାର୍ଥୀ ତଥା ପୂର୍ବତନ କେନ୍ଦ୍ର ମନ୍ତ୍ରୀ ଶ୍ରୀକାନ୍ତ ଜେନା ଯୋଗଦେଇ କେନ୍ଦ୍ରର ମୋଦି ଗ୍ୟାରେଣ୍ଟି ନୂତନ ସ୍ଲୋଗାନ ଦେଶବାସୀଙ୍କୁ ଧୋକା ଦେବା ଗ୍ୟାରେଣ୍ଟି ବୋଲି କହିବା ସହିତ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷରେ ଅହେତୁକ ମୂଲ୍ୟ ବୃଦ୍ଧି, ନବୀନ ସରକାର ରାଜ୍ୟକୁ ବିଶ୍ୱ ଦରବାରରେ ଗରିବ ରାଜ୍ୟ ଭାବେ ପରିଚିତ କରିଥିବାର କଟୁ ସମାଲୋଚନା କରିଛନ୍ତି। କଂଗ୍ରେସ ବିଧାନସଭା ପ୍ରାର୍ଥୀ ସତ୍ୟଶିବ ଦାସ ଆସନ୍ନ ନିର୍ବାଚନ ଅସତ୍ୟ ଉପରେ ସତ୍ୟ ଓ ଅନ୍ୟାୟ ଉପରେ ନ୍ୟାୟର ଜୟ ହେବ ବୋଲି ବୋଲି ପ୍ରକାଶ କରି ଭୋଗରାଇବାସୀଙ୍କର ଆଶୀର୍ବାଦ ଭିକ୍ଷା କରିଥିଲେ। କଂଗ୍ରେସର ଏହି ସଂକଳ୍ପ ସଭାରେ ଜିଲା କାର୍ଯ୍ୟକାରୀ ସଭାପତି ଗୋପବନ୍ଧୁ ମହାପାତ୍ର, ମହିଳା କଂଗ୍ରେସର ସଭାନେତ୍ରୀ ମୀନାରାଣୀ ସୁର, ଜିଲା ପରିଷଦ ସଦସ୍ୟ ସନ୍ତୋଷ କୁମାର ଜେନା, କବି ସୁକୁମାର ଦାସ, ବରିଷ୍ଠ ନେତା ରାଧାବିନୋଦ ଦାସ, ରାଜେନ୍ଦ୍ର ପଣ୍ଡା, ସୁମନ୍ତ ବେହେରା, ଦୀପକ କୁମାର ଜେନା, ରତନ ବାଗ ପ୍ରମୁଖ ବରିଷ୍ଠ ନେତାମାନେ କଂଗ୍ରେସ ପତାକା ତଳେ ଏକ ହୋଇ ପରିବର୍ତ୍ତନ ପାଇଁ ଅଣ୍ଟା ଭିଡ଼ନ୍ତୁ ବୋଲି ଆହ୍ୱାନ ଦେଇଥିଲେ।

# 'ପ୍ରଗତି ରଥରେ ଭୋଟର ପ୍ରମୁଖ ସାରଥି'

## ବିଜେଡିରେ ମିଶିଲେ ଭାଜପା, ଜେଏମ୍‌ଏମ୍ କର୍ମୀ

ଖୁଣ୍ଟା, ୨୦।୪ (ଦେବରଞ୍ଜନ ବେହେରା)

ବିଜେଡି ସରକାର ସମୟରେ ରାଜ୍ୟର ପ୍ରତ୍ୟେକ କୋଣ ଅନୁକୋଣରେ ବିକାଶଧାରା ପହଞ୍ଚି ପାରିଛି। ଏହି ପ୍ରଗତି ରଥରେ ଭୋଟରମାନେ ହିଁ ପ୍ରମୁଖ ସାରଥି। ବିଭିନ୍ନ ସମୟରେ ରାଜ୍ୟ ଅନେକ ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲେ ମଧ୍ୟ ଜାରି ରହିଥିବା ବିକାଶଧାରାରେ ପ୍ରତିବନ୍ଧକ ସାଜି ପାରି ନାହିଁ। ସେହିପରି ବିଜୁ ସ୍ୱାସ୍ଥ୍ୟ କାର୍ଡ ମାଧ୍ୟମରେ ସାଧାରଣ ପରିବାରଟିଏ ଉତ୍ତମ ସ୍ୱାସ୍ଥ୍ୟସେବା ପାଇପାରୁଥିବା ଏବଂ ରୂପାନ୍ତରଣ ମାଧ୍ୟମରେ ବିଭିନ୍ନ ବିଦ୍ୟାଳୟକୁ ସାମିଲ କରାଯାଇ ଛାତ୍ରୀଛାତ୍ରଙ୍କୁ ଉନ୍ନତମାନର ଶିକ୍ଷା ପ୍ରଦାନ କ୍ଷେତ୍ରରେ ରାଜ୍ୟ ଏକ ମାଇଲ ଖୁଣ୍ଟ ସୃଷ୍ଟି କରିପାରିଛି। ସେହିପରି ମିଶନ ଶକ୍ତି ମାଧ୍ୟମରେ ରାଜ୍ୟର ଉପାନ୍ତ ଅଞ୍ଚଳରେ ଥିବା ସାଧାରଣ ମହିଳା ଆତ୍ମନିର୍ଭରଶୀଳ ହେବା ସହ ସମାଜର ମୁଖ୍ୟସ୍ରୋତରେ ସାମିଲ ହୋଇପାରିଛନ୍ତି। ରାଜ୍ୟ ସରକାରଙ୍କ ପକ୍ଷରୁ ଜାରି ରହିଥିବା ଏସବୁ ଜନକଲ୍ୟାଣକାରୀ ସେବାର ବାର୍ତ୍ତାକୁ ଜନସାଧାରଣଙ୍କ ନିକଟରେ ପହଞ୍ଚାଇବାକୁ ମୟୂରଭଞ୍ଜ ଜିଲା ବାରିପଦା ବିଧାନସଭା ନିର୍ବାଚନମଣ୍ଡଳୀ ଅଧୀନ ଖୁଣ୍ଟା ବ୍ଲକର କରିକିଚିଆ ଗ୍ରାମଠାରେ ବିଜେଡି ପକ୍ଷରୁ ବିଶାଳ କର୍ମୀ ସମାବେଶ ଓ ମିଶ୍ରଣ ପର୍ବରେ କର୍ମୀମାନଙ୍କୁ ଆହ୍ୱାନ ଦିଆଯାଇଛି।

ଜିଲା କାର୍ଯ୍ୟକାରୀ ସଭାପତି ଜିତେନ୍ଦ୍ର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଲୋକ ସଭା ପ୍ରାର୍ଥୀ ପୂର୍ବତନ ମନ୍ତ୍ରୀ ସୁଦାମ ମାର୍ଣ୍ଡି ଏବଂ ବାରିପଦା ବିଧାନସଭା କ୍ଷେତ୍ରର ବିଧାୟକ ପ୍ରାର୍ଥୀ ପୂର୍ବତନ ଉପବାଚସ୍ପତି ସାନନ୍ଦ ମାର୍ଣ୍ଡି, ରାଜ୍ୟସଗା ସଦସ୍ୟା ମମତା ମହାନ୍ତ, ପୂର୍ବତନ ଏମ୍‌ପି ସରୋଜିନୀ ହେମ୍ବ୍ରମ, ଜିଲା ପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦା ପ୍ରମୁଖ ଯୋଗ ଦେଇଥିଲେ। ବିକାଶଧାରାକୁ ବଜାୟ ରଖିବା ପାଇଁ ଏଥର ନିର୍ବାଚନ୍‌ରେ ଏମ୍‌ପି ଓ ବିଧାୟକ ପ୍ରାର୍ଥୀଙ୍କୁ ଜିତାଇବାକୁ ସଭାରେ ଯୋଗ ଦେଇଥିବା ଜନସାଧାରଣଙ୍କୁ ନିବେଦନ କରିଥିଲେ। ଏହି ଅବସରରେ ବ୍ଲକ ଅଧୀନ ବିଭିନ୍ନ ପଞ୍ଚାୟତରୁ ୫୦ରୁ ଊର୍ଦ୍ଧ୍ୱ ଭାଜପା ଓ ଜେଏମ୍‌ଏମ୍ (ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା) କର୍ମୀ ବିଜେଡି ଦଳରେ ଯୋଗ ଦେଇଥିବା ବେଳେ ଦଳ ପକ୍ଷରୁ ସେମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ଶେଷରେ ଖୁଣ୍ଟା ବ୍ଲକ ଅଧ୍ୟକ୍ଷ ସୁଧନ୍ୟା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।




ବିଜେଡିର କର୍ମୀ ସମାବେଶରେ ଏମ୍‌ପି ଓ ବିଧାୟକ ପ୍ରାର୍ଥୀଙ୍କ ସହ ଦଳୀୟ କର୍ମକର୍ତ୍ତା।

